# ବର୍ଷା ଆଣିଲା ଗରମ ଗୁଳୁଗୁଳିରୁ ଆଶ୍ୱସ୍ତି

**ବାଲେଶ୍ୱର, ୨୦।୬(ସମିସ):**



ମୌସୁମୀକୁ ଅପେକ୍ଷା କରି ଖରା ଗରମରେ ହନ୍ତସନ୍ତ ହେଉଛନ୍ତି ସମସ୍ତେ। ଆଜିକାଲି ମୌସୁମୀ ଆସିବା ନେଇ ପାଣିପାଗ ବିଭାଗ ଅନୁମାନ କରୁଥିବା ବେଳେ ଏଯାଏଁ ଏହାର ଦେଖା ନାହିଁ। ଗୁରୁବାର ଦିନ ବାଲେଶ୍ୱରରେ ବର୍ଷା ହେବା ଫଳରେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି ବାଲେଶ୍ୱରବାସୀ। କିଛି ମାସ ଧରି ଗରମ ଓ ଗୁଳୁଗୁଳିରେ ଜନଜୀବନ ପ୍ରଭାବିତ ହେଉଥିବା ବେଳେ ଗୁରୁବାର ଦିନ ମଧ୍ୟାହ୍ନରେ ବର୍ଷା ପାଗକୁ ଥଣ୍ଡା କରିଛି। ବାଲେଶ୍ୱର ସହରର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ବର୍ଷା ଓ ଘଡଘଡି ହୋଇଛି। ଏହି ଅଳ୍ପ କିଛି ସମୟର ବର୍ଷା ଲୋକଙ୍କୁ ଗରମ, ଗୁଳୁଗୁଳି ଓ ତାତିରୁ ତ୍ରାହି ଦେଇଛି। ସୂଚନା ଥାଉ କି, ଏପର୍ଯ୍ୟନ୍ତ ମୌସୁମୀ ଓଡ଼ିଶା ପ୍ରବେଶ କରିନାହିଁ। ତେଣୁ ଏହି କାଳ ବୈଶାଖୀ ବର୍ଷା ହିଁ ମଝିରେ ମଝିରେ ତାତିରୁ ମୁକ୍ତି ଦେଉଛି। ଗୁରୁବାର ଦିନ ମଧ୍ୟାହ୍ନ ସମୟରେ ହଠାତ୍ ଆକାଶରେ କଳା ମେଘ ଘୋଟି ଆସିଥିଲା। ଏହାପରେ ସଙ୍ଗେ ସଙ୍ଗେ ବର୍ଷା, ବିଜୁଳି ଓ ପବନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ମୌସୁମୀ ପ୍ରବେଶ କରିନାହିଁ। ଏହା କାଳବୈଶାଖୀ ବର୍ଷା। ସବୁଆଡେ ଏହି ହୁଏ ନାହିଁ। ତେବେ ମୌସୁମୀ ବର୍ଷା ଏଯାଏଁ ହୋଇନାହିଁ। ୨୩ ତାରିଖ ବେଳକୁ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇପାରେ ବୋଲି ବାଲେଶ୍?ର ପାଣିପାଗ ବିଭାଗ ମୁଖ୍ୟ ମଦନ ମୋହନ ଦାସ ସୂଚନା ଦେଇଛନ୍ତି।

## ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ବୈଠକ

**ବଳରାମପୁର, ୨୦।୬(ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ କୁହ୍ଲାଚଡ ଗ୍ରାମରେ ଯୁବଶକ୍ତି କ୍ଲବ ତରଫରୁ ଜୁଲାଇ ମାସ ୭ ତାରିଖରୁ ଆରମ୍ଭ ହେବ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଉତ୍ସବ। ଏହି ରଥଯାତ୍ରା ଉତ୍ସବ ଦିର୍ଘ ୧୯ ବର୍ଷ ଧରି ସେହି ଗ୍ରାମର ୧୨ନମ୍ବର ୱାର୍ଡରେ ଯୁବଶକ୍ତି କ୍ଲବ ତରଫରୁ ଧୁମଧାମରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ଜୁଲାଇ ୭ ରଥଯାତ୍ରା ଠାରୁ ଆରମ୍ଭ ହୋଇ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଦିନ ଉଦ୍‌ଯାପିତ ହେବ ବୋଲି ଗୁରୁବାର ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇ ରଥ କମିଟିର ସଭାପତି ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ଆଜିର ସମାଜରେ ସନାତନୀ ଧର୍ମର ପ୍ରଚାର ପ୍ରସାର ଦିନକୁ ଦିନ ହ୍ରାସ ପାଉଥିବା ବେଳେ ମହାପ୍ରଭୁଙ୍କ ପ୍ରଚାର ପ୍ରସାର କେମିତି ଅଧିକ ହୋଇ ଲୋକଙ୍କୁ ସଚେତନ କରାଇ ପରମ୍ପରାକୁ ବଜାଇ ରଖିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଚଳିତ ବର୍ଷ ହେବାକୁ ଥିବା ରଥଯାତ୍ରାକୁ ଧୂମଧାମ ରେ ପାଳନ ହେବ ବୋଲି କମିଟିର ସଭାପତି କହିଛନ୍ତି। ପ୍ରଭୁଙ୍କ ନାମ ସଂକୀର୍ତ୍ତନ ହୋଇ ହେରାପଞ୍ଚମୀ ଦିନ ଏକ ବିଶାଳ ମହୋତ୍ସବର ଆୟୋଜନ କରାଯିବାର ନିଷ୍ପତି ନିଆଯାଇଛି। ପ୍ରସ୍ତୁତି ବୈଠକରେ ସଭାପତି ପଞ୍ଚାନନ ସେଠୀ, ଉପ ସଭାପତି ପଙ୍କଜ କୁମାର ସାହୁ, ସଦସ୍ୟ ଗଣେଶ ଗିରି, ବିଶ୍?ଜିତ ସେନାପତି, ସରୋଜ ସେନାପତି, ଭବଶଙ୍କର ଗିରି, ଅଜୟ ଜେନା, ସୀତାନାଥ ଜେନା, ପ୍ରିୟାଂଶୁ ଗିରି, ସୌମ୍ୟରଞ୍ଜନ ସାହୁ, ଶୁଭମ ସାହୁ, ସିପୁନ ସେଠୀ, ଲମ୍ବୋଦର ଦାସ, ବଳରାମ ଗିରି, ସିପୁନ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ମ ପଟିଦିଆଁ ଅଙ୍କନ ଉତ୍ସବର ତୃତୀୟ ସନ୍ଧ୍ୟା

**ବାଲେଶ୍ୱର, ୨୦।୬(ସମିସ):** ନୋସି କଲଚୁରାଲ ଏକାଡେମି ଦ୍ୱାରା ଆୟୋଜିତ ବିଗତ ବର୍ଷ ପରି ଚଳିତ ବର୍ଷ ୧୦ମ ପଟିଦିଆଁ ଅଙ୍କନ ଉତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ଦ୍ୱିତୀୟ ସଂନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପ୍ରଶାନ୍ତ ପଟେଲ ଯୋଗ ଦେଇଥିଲେ। ଜ୍ଞାନଶ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ମୁଖ୍ୟ ବ୍ୟକ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଉତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପିପିଲିର ପଟ୍ଟଚିତ୍ର ଶିଳ୍ପୀ ସଞ୍ଜୁକ୍ତା ଦାସ ଓ ପ୍ରୀତମ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନନ୍ତ ନାରାୟଣ (ଜଗନ୍ନାଥ) ର ସ୍ୱୀକୃତି ପ୍ରାପ୍ତ ଚିତ୍ରକର କେଶୁ ଦାସ ସଭାର ସଭାପତିତ୍ୱ କରିଥିବା ବେଳେ ଅନନ୍ତ ବାସୁଦେବ (ବଳଭଦ୍ର) ସ୍ୱୀକୃତି ପ୍ରାପ୍ତ ଚିତ୍ରକର ଦେବାଶିଷ ପତି ମଞ୍ଚ ଆହ୍ୱାନ କରିଥିଲେ। ମା' ଭୁବନେଶ୍ୱରୀ ( ସୁଭଦ୍ରା) ସ୍ୱୀକୃତି ପ୍ରାପ୍ତ ଚିତ୍ରକର ଭବାନୀ ଶଙ୍କର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଅରୁଣ ବାରିକ, ଗଦାଧର ମହାନ୍ତି, ପ୍ରୀତମ ନାୟକ, ଧନଞ୍ଜୟ ଧଳ, ଯଶସ୍ୱୀ ସ୍ୱାଇଁ, ବିରେନ ବେହେରା, ପପୁନ ପ୍ରଧାନ, ଜୟସ୍ମିତା ମହାଳିକ, ହିରଣ୍ୟା ଦାସ, କବିତା ଗିରି, ସାଇ ପ୍ରିୟା, ଦିବ୍ୟା ମହାପାତ୍ର ପ୍ରମୁଖ ପଟ୍ଟଚିତ୍ର କର୍ମଶାଳା ଓ ପ୍ରଶିକ୍ଷଣ ରେ ଯୋଗ ଦେଇଥିଲେ। ପରମ୍ପରା ଅନୁସାରେ ପଟି ପ୍ରସ୍ତୁତି ପରେ ଏକାଦଶୀ ତିଥିରୁ ପଟିରେ ରଙ୍ଗ ଲାଗିବା ଆରମ୍ଭ ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମା ସନ୍ଧ୍ୟାରେ ପଟିଦିଆଁ ୫ଟି ଜଗନ୍ନାଥ ମନ୍ଦିରକୁ ବିଜେ କରିବେ।



## ବିଶ୍ୱ ସିକିଲ ସେଲ୍ ସଚେତନତା ଦିବସ ପାଳିତ



**ସୋର, ୨୦।୬(ସମିସ):** ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ସିକିଲ ସେଲ ସଚେତନତା ଦିବସ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡ଼. ସତ୍ୟନାରାୟଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦୪୭ ମସିହା ସୁଦ୍ଧା ଭାରତକୁ ସିକିଲ ସେଲ ମୁକ୍ତ କରିବା ଲକ୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ସୋର ବିଡ଼ିଓ ସତ୍ୟନାଥ ନାୟକ, ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ସିଡିପିଓ ଯୋଗଦେଇ ନିଜନିଜର ବକ୍ତବ୍ୟ ରଖିଥିଲେ। ରୋଗର କାରଣ, ସମସ୍ୟା, କାହିଁକି ଏବଂ କିପରି ଏହି ରୋଗ ହୁଏ ସେ ବାବଦରେ ଅଧିକ୍ଷକ ଡ଼. ନାୟକ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସଚେତନତା ପାଇଁ ଲିଫଲେଟ ଏବଂ ପୋଷ୍ଟରକୁ ଲୋକାର୍ପିତ କରାଯାଇଥିଲା। ସୋର ବ୍ଲକରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଲ ଟି ଏବଂ ଫାର୍ମାସିଷ୍ଟଙ୍କ ଦ୍ୱାରା ରକ୍ତ ନମୁନା ସଂଗ୍ରହ କରାଯାଉଥିବା ବେଳେ ମୋଟ ୪୭ ଜଣ ସିକିଲ ସେଲ ରୋଗୀ ଚିହ୍ନଟ କରାଯାଇ ଚିକିତ୍ସା କରାଯାଉଥିବା ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିପିଏମଓ, ଆଇସିଟିସି କାଉନସେଲର, ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜର, ଆଶାକର୍ମୀ, ଏବଂ ସମସ୍ତ ମେଡିକାଲ ଅଫିସର ମାନେ ଯୋଗଦେଇଥିଲେ। ଶେଷରେ ପିଏଚଇଓ ବୈକୁଣ୍ଠନାଥ ଧାମୁଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୨ରେ ଦେବସ୍ନାନ ପୂର୍ଣ୍ଣିମା, ଚଳଚଞ୍ଚଳ ନୀଳଗିରି ରଥଦାଣ୍ଡ

**ନୀଳଗିରି, ୨୦।୬(ସମିସ):** ଚଳିତ ମାସ ୨୨ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୀଳଗିରି ରଥ ଦାଣ୍ଡ ବେଶ୍ ଚଳଚଞ୍ଚଳ ହୋଇ ଉଠିଛି। ସକାଳ ବେଳାରେ ପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ସୁଦର୍ଶନ ମହାପ୍ରଭୁଙ୍କ ଚତୁର୍ଦ୍ଧାମୂର୍ତ୍ତି ପ୍ରଥମେ ମନ୍ଦିରରୁ ଗୋଟି ପହଣ୍ଡି ରେ ଆସି ସ୍ନାନ ମଣ୍ଡପରେ ମହାପ୍ରଭୁ ବିରାଜମାନ କରିବେ। ଏଥିରେ ରାଜା ଛେରା ପହଁରା କରି ମହାପ୍ରଭୁଙ୍କୁ ସ୍ନାନ ବେଦୀକୁ ପାଛୋଟି ନେବେ। ୧୦୮ କଳସରେ ଅଗରୁ, ଚନ୍ଦନ, ସୁବାସିତ ଜଳରେ ମହାପ୍ରଭୁଙ୍କୁ ସ୍ନାନ ହେବେ। ପରେ ଭିଭିନ୍ନ ବସ୍ତ୍ରରେ ପ୍ରଭୁଙ୍କୁ ସୁସଜ୍ଜିତ ପରେ ଫୁଲ, ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିବେ। ଘଣ୍ଟା, ଘଣ୍ଟି, ଶଙ୍ଖ, ତୁରୀ ଭେରୀ, ହୋଳ ହୋଳି ଶବ୍ଦରେ ପ୍ରକମ୍ପିତ ହୋଇଥାଏ ବଡ଼ଦାଣ୍ଡ। ଯାହା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଗଜାନନ ବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେବେ। ଦାରୁବ୍ରହ୍ମଙ୍କ ଏହି ଲୀଳା ଭକ୍ତଜନମାନଙ୍କୁ ବଡ଼ଦାଣ୍ଡକୁ ଆକର୍ଷିତ କରିଆଣେ।

## ପୋଚ ନଷ୍ଟ ସହ ଦେଶୀମଦ ଜବତ, ଜଣେ ଗିରଫ

**ସୋର, ୨୦।୬ (ସମିସ):** ସୋର ଅବକାରୀ ବିଭାଗ ତରଫରୁ ବାଉଁଶପାଳ ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ମଦରନ୍ଧା କାରଖାନାରେ ଚଢ଼ଉ କରି ଦେଶୀମଦ ଜବତ କରିଥିବା ବେଳେ ଅଭିଯୁକ୍ତ ମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକ୍ଷକ ସୁଶାନ୍ତ ପାଢ଼ୀଙ୍କ ନେତୃତ୍ୱରେ ନୀଳଗିରି ରେଞ୍ଜ ଅବକାରୀ ଆଇଆଇସି କେଶବ ଚନ୍ଦ୍ର ଦାସ ଏବଂ ସୋର ଆଦର୍ଶ ଅବକାରୀ ଅଧିକାରୀ ସନ୍ତୋଷ ସ୍ୱାଇଁ ଏକ ଟିମ ସହ ଏହି ଜଙ୍ଗଲରେ ଚଢ଼ଉ କରି ୩୧୫୦ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୨୩୦ ଲିଟର ଦେଶୀମଦ ଜବତ କରିଥିଲେ। ଚଢ଼ଉ ହେଉଥିବା ଜାଣିପାରି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେହିପରି ଏହି ଟିମ ମାଟିଆପଲ୍ଲା ଛକରେ ଚଢ଼ାଉ କରି ଗୁରୁବାରୀ ସିଂ ନିକଟରୁ ୩୧ ଲିଟର ଦେଶୀମଦ ଜବତ କରିବା ସହିତ ତାକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେ?କାଲରେ ଗୁରୁବାରୀର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

## ଶ୍ମଶାନ ଜମି ଅବରୋଧ ନେଇ ତହସିଲଦାରଙ୍କୁ ଫେରାଦ



**ଚୋକି, ୨୦।୬ (ସମିସ) :** ଭୋଗରାଇ ବ୍ଲକ ଅନ୍ତର୍ଗତ ଜୟରାମପୁର ପଞ୍ଚାୟତ ଅଧିନସ୍ଥ ଟେଙ୍ଗରାମାରୀ ଗ୍ରାମରେ ଥିବା ଏକ ଶ୍ମଶାନ ଜମି ଅବରୋଧକୁ ନେଇ ଗ୍ରାମବାସୀ ଭୋଗରାଇ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଯେ, ଏହି ଗ୍ରାମର ଥିବା ଶ୍ମଶାନ ଜମି ଯାହାର ଖାତା ନମ୍ବର ୩୦୮ ପ୍ଲଟ ନମ୍ବର ୮୫୭ ଶ୍ମଶାନ କିସମ ୮ ଡିସିମିଲ ଜମିକୁ ଗ୍ରାମର ଲୋକମାନେ ଆବାହମାନ କାଳରୁ ଶବ ଦାହ କରିବା ପାଇଁ ବ୍ୟବହାର କରୁଥିଲେ। ମାତ୍ର ସେହି ପ୍ଲଟକୁ ଗ୍ରାମର ବରେନ୍ଦ୍ର ପ୍ରଧାନଙ୍କ ପୁଅ ବିନୋଦ ପ୍ରଧାନ ଜବର ଦଖଲ କରି ବେଆଇନ ଭାବେ ଘର ତିଆରି ପାଇଁ ମାଟି ସମତୁଲ କରିଛନ୍ତି। ଏ ନେଇ ଗ୍ରାମବାସୀ ଶ୍ରୀ ପ୍ରଧାନଙ୍କୁ ଜମି ସମତୁଲ କରିବା ପାଇଁ ମନା କରିଥିଲେ ମଧ୍ୟ ସେ କାହାରି କଥା ଶୁଣି ନ ଥିଲେ। ଏହାର ପ୍ରତିବାଦରେ ଗ୍ରାମର ଅଶୋକ ସାହୁ, ଅରୁଣ ପଣ୍ଡା, ଝାଡେଶ୍ୱର ପଣ୍ଡା, ରମେଶ ଧଳ, ମହେଶ୍ୱର ଦାସ, ଚନ୍ଦ୍ରମୋହନ ଧଳ ଆଦି ୫୦ରୁ ଅଧିକ ଗ୍ରାମବାସୀ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଜଙ୍ଗଲରେ ଖଣ୍ଡାଧରି ବୁଲୁଛି ତାନ୍ତ୍ରିକ

**ଜଳେଶ୍ୱର ବ୍ଲକ, ୨୦।୬ (ସମିସ):** ଜଙ୍ଗଲରେ ଖଣ୍ଡା ଧରି ବୁଲୁଛି ପଶ୍ଚିମ ବଙ୍ଗର ତାନ୍ତ୍ରିକ। ଜନସାଧାରଣ ଭୟଭୀତ। ବଣରେ କେତେକ ଯୁବକ ଓ ପୁଲିସ ଖୋଜି ମଧ ନ ପାଇ ନିରାଶ। ତାନ୍ତ୍ରିକକୁ ପ୍ରଶାସନ ଧରି ଜେଲକୁ ପଠାଇବାକୁ ଅନୁରୋଧ କରିଛନ୍ତି ଅଞ୍ଚଳର ଜନସାଧାରଣ। ସୂଚନା ଅନୁସାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମ ନଗର ଗ୍ରାମ ପଞ୍ଚାୟତ ସ୍ଥିତ କୁଶଗର୍ଡ଼ ଶାଳ ଜଙ୍ଗଲରେ ପଶ୍ଚିମ ବଙ୍ଗର ଶାଳଗଡ଼ିଆ ଗ୍ରାମର ଜଣେ ଖୁନି ତାନ୍ତ୍ରିକ ହେଉଛନ୍ତି ଫାଗୁ ହାସଦା ଉକ୍ତ ଜଙ୍ଗଲରେ ଛୁରା ଧରି ବୁଲୁଥିବାର ବୁଧବାର ଅପରାହ୍ନରେ ଶାଳପତ୍ର ତୋଳାଳୀ ମାନେ ଦେଖି ଗ୍ରାମରେ ଆସି ଖବର ଦେଇଥିଲେ। ଖବର ପାଇ କୁଶଗର୍ଡ଼, ନୂଆଗାଁ ଓ ଉପରକୁଣ୍ଡି ଗ୍ରାମର କେତେକ ଯୁବକ ଓ କୁଶଗର୍ଡ଼ ଫାଣ୍ଡିର ଦୁଇ ଜଣ ପୁଲିସ କର୍ମଚାରୀ ବଣକୁ ଯାଇ ଖୋଜାଖୋଜି କରିଥିଲେ। ମାତ୍ର ତାନ୍ତ୍ରିକ ଜାଣି ପାରି ଦୌଡ଼ି ପଳାଇ ଯିବାର ସେମାନେ ଦେଖିଥିଲେ। ରାତି ହୋଇଥିବାରୁ ଯୁବକମାନେ ଓ ପୁଲିସ ନିରାଶ ହୋଇ ଫେରି ଆସିଥିଲେ। ପ୍ରକାଶ ଥାଉକୀ, ଉକ୍ତ ତାନ୍ତ୍ରିକ କିଛି ବର୍ଷ ତଳେ ଗୋଟିଏ ଶାଳ ଗଡ଼ିଆ ଅଞ୍ଚଳର ୧୦ ବର୍ଷର ପିଲାକୁ ପୂଜା କରି ବଳି ପକାଇଥିଲା ଓ ତାକୁ ପଶ୍ଚିମବଙ୍ଗ ପୁଲିସ ଗିରଫ କରି ଜେଲକୁ ପଠାଇ ଥିଲା। ୪ ମାସ ପୂର୍ବରୁ ଗ୍ରାମକୁ ଫେରି ପୁଣି ବଳି ସନ୍ଧାନରେ ବଣରେ ବୁଲୁଥିବା ଅଞ୍ଚଳବାସୀ କହିବା ସହିତ ଆତଙ୍କିତ ହୋଇ ପଡ଼ିଛନ୍ତି। କୁଷଗର୍ଡ଼ ଗ୍ରାମର ଯୁବକ ସୁବାଷ ଘୋଷ, ପଲ୍ଟୁ ପାତ୍ର, ସୁଶାନ୍ତ କୁମାର ଦାସ ଓ ରଘୁବୀର ପାତ୍ର, ଉପରକୁଣ୍ଡି ଗ୍ରାମର ବାବୁ ବାରିକ ଓ ବିନ୍ଦୁ ଜେନା, ପଶ୍ଚିମବଙ୍ଗର ଶାଳଗଡ଼ିଆ ଗ୍ରାମର ସୁଦୀପ ଜିନ୍ଦା ଓ ପାପାନ ମଣ୍ଡଳ ପ୍ରମୁଖ ବହୁ ଯୁବକ ଉକ୍ତ ତାନ୍ତ୍ରିକକୁ ଖୋଜି ବାହାର କରି ଜେଲ ହାଜତକୁ ପଠାଇବା ପାଇଁ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ପ୍ରଶାସନକୁ ଅନୁରୋଧ କରିଛନ୍ତି।
















### ୪ ଘଣ୍ଟା ପାଇଁ କୋହଳ ହେଲା କର୍ଫ୍ୟୁ

# ଖୋଲିଲା ଦୋକାନବଜାର, ଦରଦାମ ଆକାଶଛୁଆଁ



**ବାଲେଶ୍ୱର, ୨୦।୬(ସମିସ):**

ଗତ ସୋମବାର ଗୋଷ୍ଠୀ ସଂଘର୍ଷ ଘଟଣା ପରେ ପୌରପରିଷଦ ଅଞ୍ଚଳରେ ୧୪୪ ଧାରା ଲାଗିବା ସହ ଉକ୍ତ ଦିନ ବିଳମ୍ବିତ ରାତିରେ କର୍ଫ୍ୟୁ ଜାରି ହୋଇଥିଲା। ଏହି କର୍ଫ୍ୟୁ ଦୁଇ ଦିନ ଅର୍ଥାତ ମଙ୍ଗଳବାର ଏବଂ ବୁଧବାର କଡାକଡି ଭାବେ ପାଳନ କରାଯାଇଥିଲା। ଗତକାଲି ଜିଲ୍ଲା ଓ ପୁଲିସ ପ୍ରଶାସନର ମିଳିତ ବୈଠକରେ ଗୁରୁବାର ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏ ନେଇ ସନ୍ଧ୍ୟାରେ ମାଇକ ଯୋଗେ ପ୍ରଚାର କରାଯାଇଥିଲା। ଏହାକୁ ଆଧାର କରି ଗୁରୁବାର ସକାଳ ୭ଟାରେ ସହରର ସମସ୍ତ ଦୋକାନ ବଜାର ଖୋଲାଯାଇଥିଲା। ଯାହାଫଳରେ ବଜାରରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିବା ବେଳେ ପରିବାର ଦର ଆକାଶ ଛୁଆଁ ହୋଇଥିଲା। ପୋଟଳ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପରିବା ଶହେ ଟଙ୍କା ପର୍ଯ୍ୟନ୍ତ ଛୁଇଁ ଯାଇଥିଲା। ଦୁଇ ଦିନ ଧରି ଲୋକେ ଘରୁ ବାହାରକୁ ବାହାରି ପାରୁ ନ ଥିବା କାରଣରୁ ଉଚ୍ଚ ଦରଦାମ ହୋଇଥିଲେ ସୁଦ୍ଧା ତାହାକୁ ନେବା ପାଇଁ ବାଧ ହୋଇଛନ୍ତି। ଅନ୍ୟପଟେ ସହରର ମୁଖ୍ୟ ମୋତିଗଞ୍ଜ ବଜାର, ଫାଣ୍ଡି ଛକ, ନୂଆବଜାର ପରିବା ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ଦୋକାନ ଗୁଡିକ ଖୋଲା ରହିଥିଲା। ଦୁଇ ଦିନ ଧରି ବଜାର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବା କାରଣରୁ ବ୍ୟବସାୟରେ ବହୁତ କ୍ଷତି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହାଛଡା କିଏ ରିକ୍ସା ଚଳାଇ ତ କିଏ ପରିବା, କିଏ ଫଳ ଆଦି ବିଭିନ୍ନ ସାମଗ୍ରୀ ବିକ୍ରି କରି ପରିବାର ଚଳାଉଥିବା ବେଳେ ବେଶ ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି।



ଏପରିକି ସେମାନେ ଘରେ ଥିବା ମୁଢ଼ି ଖାଇ ରହିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଆଜି ୪ଘଣ୍ଟା ପାଇଁ ଦୋକାନ ଖୋଲିବା ଯୋଗୁଁ ସେମାନେ ଟିକେ ଆଶ୍ୱସ୍ତି ଲାଭ କରିଥିବା ବେଳେ କିଛିମାତ୍ରାରେ ବ୍ୟବସାୟ କରିଛନ୍ତି। ଏହାଛଡା କୌଣସି ନୂତନ ସାମଗ୍ରୀ ଆସିନଥିବା ବେଳେ କର୍ଫ୍ୟୁ ପୂର୍ବରୁ ସେମାନେ ଯାହା ଗଚ୍ଛିତ ରଖିଥିଲେ ତାକୁ ନେଇ ବ୍ୟବସାୟ କରିଛନ୍ତି ବୋଲି କହିଛନ୍ତି। ଏ ନେଇ ଜିଲ୍ଲାପାଳ ଆଶିଷ ଠାକରେ କହିଛନ୍ତି ଯେ, ଆଜି ସକାଳେ କର୍ଫ୍ୟୁ କୋହଳ ହେବା ପରେ ଲୋକମାନଙ୍କ ମଧ୍ୟରେ ସମନ୍ୱୟ ଠିକ ରହିଥିଲା। ବର୍ତମାନ ସୁଦ୍ଧା ସହରରେ ଶାନ୍ତ ପରିବେଶ ରହିଥିବା ବେଳେ କୌଣସି ଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନାହିଁ। ପରିବା ଦରବୃଦ୍ଧି ସମ୍ପର୍କକୁ ନେଇ ଜିଲ୍ଲାପାଳ କହିଛନ୍ତି ଯେ, ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିୟନ୍ତ୍ରଣ ପାଇଁ କୁହାଯାଇଛି।

## ମତାମତ

ବାଲେଶ୍ୱରରେ ହଠାତ କର୍ଫ୍ୟୁ ଲାଗୁ ହେବା ଫଳରେ ସେମାନେ ଘରୁ ବାହାରିବା ମୁସ୍କିଲ ହୋଇ ପଡ଼ିଥିଲା। ଦୁଇ ଦିନ ଧରି ସେମାନେ ଘରେ ରହିଯାଇଥିବା ବେଳେ କୌଣସି ପ୍ରକାର ବ୍ୟବସାୟ କରିପାରି ନଥିଲେ। ଆଜି ସକାଳେ ୬ଟା ସମୟରେ ସେ ସହରକୁ ଆସିଥିଲେ। ହେଲେ କର୍ଫ୍ୟୁ କଟକଣା ଥିବା କାରଣରୁ ସେ ସହରକୁ ପ୍ରବେଶ କରି ପାରି ନ ଥିଲେ। ୭ଟା ପରେ ସେ ସହରକୁ ଆସି ଫାଣ୍ଡିଛକରେ ଜାମରୁଳି ବ୍ୟବସାୟ କରିଥିଲେ। ଆଜି ଦିନରେ ସେ ୧୦କେଜି ଆଣିଥିବା ବେଳେ ପାଖାପାଖି ୨ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରିଛନ୍ତି ବୋଲି କହିଛନ୍ତି। ଏଣୁ ଶିଘ୍ର କର୍ଫ୍ୟୁ ହଟାଇବାକୁ ସେ ପ୍ରଶାସନକୁ ନିବେଦନ କରିଛନ୍ତି।

**ସୁଜନ ଦାସ, ଫଳ ବ୍ୟବସାୟୀ**

ଦୁଇ ଦିନ ଧରି କୌଣସି ପ୍ରକାର ବ୍ୟବସାୟ ହୋଇ ପାରିନଥିବା ଯୋଗୁଁ ଆମ୍ବ ଠାରୁ ଅନ୍ୟାନ୍ୟ ଫଳ ଗୁଡିକ ପଚି ଯାଇଥିଲା। କିଛି ଭଲ ଆମ୍ବକୁ ନେଇ ଆଜି ବିକ୍ରି କରାଯାଇଛି। ବିଶେଷ କରି ଦୁଇ ଦିନରେ ସେମାନଙ୍କର ପାଖାପାଖି୧୫ରୁ୨୦ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତି ହୋଇଛି।

**ଦୀପକ ମଲ୍ଲିକ, ଫଳ ବ୍ୟବସାୟୀ**

ପ୍ରତିଦିନ ଜଳେଶ୍ୱରରୁ ବାଲେଶ୍ୱରକୁ ପରିବା ନେଇ ବିକ୍ରି କରିବାକୁ ଆସିଥାଏ। ଦୁଇଦିନ ଧରି ବାଲେଶ୍ୱର ସହର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବା କାରଣରୁ ବ୍ୟବସାୟ କରିପାରି ନଥିଲି। ଆଜି ବିଭିନ୍ନ ପ୍ରକାର ପରିବା ଧରି ବିକ୍ରି କରିବାକୁ ଆସିଛି।

**ମନୋରଞ୍ଜନ ଘଡେଇ, ପରିବା ବ୍ୟବସାୟୀ**

ସହରରେ କର୍ଫ୍ୟୁ ଲାଗିବାରୁ ଆମେ ଗରିବ ଲୋକ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛୁ। ଆମର ପରିବାର ସଂଖ୍ୟା ୩। ଦୁଇ ଦିନ ଧରି ଗୋଟିଏ ଟଙ୍କା ରୋଜଗାର ହୋଇନଥିବା ବେଳେ ଘରେ ଯାହା ମୁଢ଼ି ଥିଲା ତାହାକୁ ଖାଇ ରହିଛୁ। ଆଜି କିଛି ଘଣ୍ଟା ପାଇଁ ବଜାର ଖୋଲିବା ଯୋଗୁଁ ରିକସା ନେଇ ଆସିଛି। ଦିନ ୧୦ଟା ପର୍ଯ୍ୟନ୍ତ ମାତ୍ର ୫୦ଟଙ୍କା ବେପାର ହୋଇଛି। ଏତେ କମ ଟଙ୍କାରେ ବର୍ତମାନ ସ୍ଥିତିରେ ଘର ଚଳିବା ନେଇ କଷ୍ଟ ହେଉଛି। ଘଟଣାର ଶିଘ୍ର ସାମଧାନ କରି ବଜାରକୁ ପୂର୍ବ ଭଳି ଖୋଲା ରଖାଯାଉ।

**ପ୍ରଦୀପ ଜେନା, ରିକ୍ସା ଚାଳକ**

# ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ପ୍ରଶାସନର ବୈଠକ



**ବାଲେଶ୍ୱର, ୨୦।୬ (ସମିସ):** ବାଲେଶ୍ୱର ପୌରାଞ୍ଚଳରେ ଜାରି ରହିଥିବା କର୍ଫ୍ୟୁକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାପାଳ ଆଶିଷ ଠାକରେ ଓ ଆରକ୍ଷୀ ଅଧିକ୍ଷକ ସାଗରୀକା ନାଥ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଇ ବିଭିନ୍ନ ବର୍ଗର ପ୍ରତିନିଧି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଆଲୋଚନା କରିଛନ୍ତି। ଉକ୍ତ ବୈଠକରେ ଏଫଏମ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀ, ବିଶିଷ୍ଟ ଶିକ୍ଷାବିତ ତଥା କବି ପ୍ରଶାନ୍ତ ଦାସ, ଏଫଏମ କଲେଜର ଅବସରପ୍ରାପ୍ତ ପ୍ରଫେସର ଶିରୀଷ ଚନ୍ଦ୍ର ଜେନା ଏବଂ ବାଲେଶ୍ୱର ବିଏଡ଼ କଲେଜର ଅବସରପ୍ରାପ୍ତ ଅଧକ୍ଷ ହରେକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ପ୍ରଶାସନ ଦ୍ୱାରା ସମସ୍ତ ସମୟାନୁବର୍ତ୍ତୀ ପଦକ୍ଷେପ ନିମନ୍ତେ ପ୍ରଶଂସା କରିଥିଲେ। ଏହି ଆଲୋଚନାରେ ଉପସ୍ଥିତ ବ୍ୟକ୍ତି ବିଶେଷ ବର୍ତ୍ତମାନର ପରିସ୍ଥିତି ଉପରେ ନିଜର ମତ ପ୍ରକାଶ କରିବା ସହ ଯଥାଶୀଘ୍ର ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଆଲୋଚନାରେ ଭାଗ ନେଇଥିବା ଏଫଏମ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ କି, ଆମେ ଆମର ପ୍ରିୟ ବାଲେଶ୍ୱରରେ ସ୍ଥାୟୀ ଶାନ୍ତି ଏବଂ ସାମ୍ପ୍ରଦାୟିକ ସଦ୍ଭାବନା ପାଇଁ ଏକଜୁଟ ଅଛୁ। ମୁଁ ପ୍ରତ୍ୟେକ ବାସିନ୍ଦାଙ୍କୁ ସଂଯମତା ଅବଲମ୍ବନ କରିବାକୁ ଏବଂ କୌଣସି ମହଲରୁ ଉତ୍ତେଜନାକୁ ପ୍ରତ୍ୟାଖ୍ୟାନ କରିବାକୁ ଅନୁରୋଧ କରୁଛି। ସଭା ଶେଷରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଗଣମାଧ୍ୟମ ଜରିଆରେ ବାଲେଶ୍ୱରବାସୀଙ୍କୁ ଏକ ଆବେଗପୂର୍ଣ୍ଣ ମିଳିତ ନିବେଦନ କରିଥିଲେ। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏହି ଆଲୋଚନାରୁ ମିଳିଥିବା ଅମୂଲ୍ୟ ତଥ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ସମୟରେ ପ୍ରତିନିଧିମାନଙ୍କ ପରାମର୍ଶକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ମଧ୍ୟ ଉପସ୍ଥିତ ଥିଲେ।

## ସହରରେ ଶାନ୍ତି, ମୈତ୍ରୀ ଓ ସଂହତି ବଜାୟ ରଖିବା ନିମନ୍ତେ ସର୍ବସାଧାରଣଙ୍କୁ ନିବେଦନ

**ବାଲେଶ୍ୱର, ୨୦।୬ (ସମିସ):** ଭାରତ ସାଂସ୍କୃତିକ, ଧାର୍ମିକ, ଭୌଗୋଳିକ, ଭାଷାଗତ ବିବିଧତା ମଧ୍ୟରେ ଶାନ୍ତି, ମୈତ୍ରୀ ଓ ସଂଘତିର ବାର୍ତ୍ତା ଓ ଦିଗଦର୍ଶନ ସାରା ପୃଥିବୀକୁ ଦେଇଆସୁଛି କାହିଁ କେଉଁ ଅନାଦି କାଳରୁ। ବାଲେଶ୍ୱର ଭଳି ଓଡ଼ିଶାର ଏକ ପୁରାତନ ସହରରେ ବିଭିନ୍ନ ଧର୍ମାବଲମ୍ବୀ ବସବାସ କରିଆସୁଛନ୍ତି। ସମୟ ଆସିଛି, ସମସ୍ତ ଧର୍ମଗୁରୁ ଓ ଧାର୍ମିକ ପୁରୋଧା, ସମସ୍ତ ରାଜନୈତିକ ଦଳର ରାଜନେତା, ସମସ୍ତ ଗଣମାଧ୍ୟମର ପ୍ରତିନିଧି, ସମସ୍ତ ସାହିତ୍ୟିକ, କବି, ଲେଖକ, ସ୍ତମ୍ଭକାର, ସମସ୍ତ ଅଗ୍ରଣୀ ଓ ସାହି ବସ୍ତିରେ ଥିବା ସାମାଜିକ ଅନୁଷ୍ଠାନ ମାନଙ୍କର କର୍ମକର୍ତ୍ତା, ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଏବଂ ଜନସାଧାରଣଙ୍କ ସହିତ ଦୈନନ୍ଦିନ ଜୀବନରେ ଓତଃପ୍ରୋତ ଭବେ ଚଳପ୍ରଚଳ ହେଉଥିବା ପ୍ରଭାବଶାଳୀ ନାଗରିକ ତଥା ପ୍ରଶାସନିକ ଅଧିକାରୀ ବୃନ୍ଦ ଏକତ୍ରିତ ହୋଇ ବାଲେଶ୍ୱର ସହର ତଥା ଆଖପାଖ ଅଞ୍ଚଳରେ କିଭଳି ଶାନ୍ତି, ମୈତ୍ରୀ ଓ ସଂହତି ଚିରକାଳ ବଜାୟ ରଖାଯାଇପାରିବ ଆଗେଇ ଆସିବାକୁ ବଣ ଧୂଳିର ଫୁଲର ବିଜୟ କୁମାର ଆଚାର୍ଯ୍ୟ ନିବେଦନ କରିଛନ୍ତି। ବିଶେଷଭାବେ ବାଲେଶ୍ୱରର ସାଂସଦ, ଜିଲ୍ଲାର ଜିଲ୍ଲାପାଳ ତଥା ପୋଲିସ ସୁପରିଟେଣ୍ଡେଣ୍ଟ୍, ବିଧାୟକ ଉକ୍ତ ମର୍ମରେ ବିଧିବଦ୍ଧ ପଦକ୍ଷେପ ନେଇ ପାରିଲେ ବାଲେଶ୍ୱରର ଜନସାଧାରଣ ଚିରକାଳ ଶାନ୍ତିରେ ଜୀବନଯାପନ କରିପାରିବେ ବୋଲି ଆଶା କରିଛନ୍ତି।

# ଇଣ୍ଟରନେଟ୍ ବିନା ବାଲେଶ୍ୱର; ବିତିଲାଣି ୪୮ ଘଣ୍ଟାରୁ ଅଧିକ ସମୟ

- ବ୍ୟବସାୟ ଓ ଛାତ୍ରଛାତ୍ରୀ ପ୍ରଭାବିତ
- ଇଣ୍ଟରନେଟ୍ ପାଇଁ ରାଜପଥ କଡ଼ରେ ଭିଡ଼



**ବାଲେଶ୍ୱର, ୨୦।୬ (ସମିସ):**

୪୮ ଘଣ୍ଟାରୁ ଅଧିକ ଦିନ ବାଲେଶ୍ୱରର ପୌରାଞ୍ଚଳରେ ଇଣ୍ଟରନେଟ୍ ସେବା ଠପ୍ ହୋଇଯାଇଛି। ବାଲେଶ୍ୱରରେ ଗୋଷ୍ଠୀ ସଂଘର୍ଷକୁ ନେଇ ଉପୁଜିଥିବା ପରିସ୍ଥିତିରେ ସୁଧାର ଆଣିବା ପାଇଁ ସମ୍ପୃକ୍ତି ତିନି ଦିନ ଧରି କର୍ଫ୍ୟୁ ଜାରି ହୋଇଥିବା ବେଳେ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିବାରୁ ସର୍ବସାଧାରଣରେ ନାହିଁ ନଥିବା ଅସୁବିଧା ଦେଖାଦେଉଛି। ପୌରାଞ୍ଚଳ ସହିତ ପାଖାପାଖି ଅଞ୍ଚଳବାସୀ ଏହି ଇଣ୍ଟରନେଟ୍ ସେବା ଦ୍ୱାରା ପ୍ରଭାବିତ ହେଉଛନ୍ତି। ବିଶେଷକରି ଇଣ୍ଟରନେଟ ଉପରେ ନିର୍ଭରଶୀଳ ଏବଂ ଇଣ୍ଟରନେଟ୍ ମାଧ୍ୟମରେ ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ତଥା ଯୁବପିଢି ବେଶ ପ୍ରଭାବିତ ହୋଇଥିବା ଦେଖାଦେଇଛି। ଆଜିର ସମୟରେ ଇଣ୍ଟରନେଟ ଏକ ଅତ୍ୟାବଶ୍ୟକ ସେବା ଭାବରେ ପରିଗଣିତ ହେଉଥିବା ବେଳେ ୪୮ ଘଣ୍ଟାରୁ ଅଧିକ ସମୟ ଏହାର ସେବା ଠପ୍ ହୋଇଯାଇଥିବାରୁ ଜନଜୀବନ ବେଶ୍ ପ୍ରଭାବିତ। ବିଶେଷକରି କିଛି ଯୁବପିଢି ୟୁଟ୍ୟୁବ୍ ଓ ଫେସବୁକ୍ ମାଧ୍ୟମରେ ରୋଜଗାର କରୁଥିବା ବେଳେ ଇଣ୍ଟରନେଟ୍ ସେବା ନଥିବାରୁ ସେମାନେ ତିନି ଦିନ ଧରି ହାତ ବାନ୍ଧି ବସିଛନ୍ତି। ଏପରିକି ଅତ୍ୟାବଶ୍ୟକ ସେବା ଭିତରେ ଡାକ ସେବା, ବ୍ୟାଙ୍କ ସେବା ଓ ଗଣମାଧ୍ୟମ ସେବା ଏବଂ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ବେଶ ପ୍ରଭାବିତ ହୋଇଥିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଦେଖାଯାଇଛି ଯେ ସହରର କିଛି ନିର୍ଭରଶୀଳ ପରିବାର, ବ୍ୟବସାୟୀ ଏବଂ ଛାତ୍ରଛାତ୍ରୀ ପୌରାଞ୍ଚଳ ବାହାରକୁ ଯାଇ ହୋଟେଲରେ ରହିବା ସହ ଇଣ୍ଟରନେଟ୍ ସେବା ମାଧ୍ୟମରେ ସେମାନଙ୍କ ବ୍ୟବସାୟଓ ପାଠପଢ଼ା ଜାରି ରଖିଛନ୍ତି। ଏହା ବ୍ୟୟବହୁଳ ହେଲେ ମଧ୍ୟ ସେମାନେ ଏପରି କରିବାକୁ ବାଧ ହେଉଛନ୍ତି ବୋଲି ଜନୈକ ଛାତ୍ର ସୁଦୀପ କୁମାର କହିଛନ୍ତି। ଷ୍ଟକ ବଜାର ସହିତ ଷ୍ଟକ୍ କାରବାର କରୁଥିବା ଜନୈକ ଟ୍ରେଡର ବ୍ୟବସାୟୀ କୁମାର ପ୍ରତୀକ, ଜ୍ୟୋତି ବିକାଶ ମହାନ୍ତି 'ସକାଳ'କୁ କହିଛନ୍ତି ଯେ, ତିନି ଦିନ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇ ଆମର ଟ୍ରେଡିଂ କାରବାରର ବହୁତ କ୍ଷତି ଘଟିଛି। ଷ୍ଟକ୍ ମାର୍କେଟର ସ୍ଥିତି ଜାଣିବା ସମ୍ଭବପର ହେଉନଥିବାରୁ ସଠିକ୍ ଟ୍ରେଡିଂ ସମ୍ଭବପର ହୋଇପାରିନାହିଁ। ସେହିପରି ୟୁଟ୍ୟୁବ୍ ରେ ଭିଡ଼ିଓ ଅପଲୋଡ଼୍ କରି ନିଜର ଗୁଜୁରାଣ ମେଣ୍ଟାଇବା ସ୍ଥାନୀୟ ଜନୈକା ମହିଳା ସୁସ୍ମିତା ମାଇତି କହିଛନ୍ତି ଯେ, ଲଗାତାର ଇଣ୍ଟରସେବା ନଥିବାରୁ ଆମେ ଭିଡିଓ ଅପଲୋଡ଼୍ କରିପାରିନାହୁଁ। ଫଳରେ ଆମର ବହୁ ପ୍ରକାର କ୍ଷତି ସହିବାକୁ ପଡୁଛି। ଏହା ଅଧିକ ଦିନ ରହିଲେ ଆମର ଚଳିବା କଷ୍ଟକର ହୋଇପଡ଼ିବ'।

ଇଣ୍ଟରନେଟ ବନ୍ଦ ଯୋଗୁଁ ପିଲାଙ୍କ ଅନଲାଇନ କ୍ଲାସ୍ ପ୍ରଭାବିତ ହୋଇଛି। ଆଗକୁ ପରୀକ୍ଷା ଆସୁଥିବା ବେଳେ ପିଲାଙ୍କୁ ପାଠପଢ଼ା ଏକ ରକମ ଠପ୍ ହୋଇଛି। ସେହିପରି ପାଠ୍ୟକ୍ରମ ସମ୍ବନ୍ଧରେ କୌଣସି ତଥ୍ୟ ଯାହାକି ମିଳି ପାରୁନି, ଫଳରେ ପିଲା ମାନଙ୍କୁ ପରୀକ୍ଷା ନିମନ୍ତେ ପ୍ରସ୍ତୁତି କରାଇବା ସହଜ ହେଉ ନାହିଁ ବୋଲି କହିଛନ୍ତି ପରମିଟ ଘାଟ ଅଞ୍ଚଳର ଜୁଲି ବାରିକ।

ୟୁଟ୍ୟୁବରେ ଖବର ପ୍ରସାରଣ ରୂପେ ଉପରେ ମୁଁ ବ୍ୟକ୍ତିଗତ ଭାବେ ନିର୍ଭରଶୀଳ। ଇଣ୍ଟରନେଟ ବନ୍ଦ ଯୋଗୁଁ ଗତ ମଙ୍ଗଳବାର ଠାରୁ ଆଜି ଯାଏଁ କୌଣସି ଖବର ପ୍ରସାରଣ କରାଯାଇପାରିନାହିଁ। ମୋ ପରି ଅନେକ ସାମ୍ବାଦିକ ଭାଇ ଭଉଣୀ ମାନେ ମଧ ଗୋଟିଏ ଖବର ପ୍ରକାଶନ ହେଉ ଅବା ପ୍ରସାରଣ ନିମନ୍ତେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଡିଜିଟାଲ ମିଡିଆରୁ ରୋଜଗାର ପନ୍ଥା ଆପଣାଇଥିବା ଅନେକ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି ବିଭିନ୍ନ ପରୀକ୍ଷା ପାଇଁ ଫର୍ମ ପୂରଣ, ଗୁରୁତ୍ୱପୂର୍ଣ୍ଣ ସୂଚନା, ଅନଲାଇନ୍ ଅର୍ଡର, ଟିକେଟ ବୁକିଂ, ଅନଲାଇନ୍ ଖାଦ୍ୟ, ମେଡ଼ିସିନ୍ ଅର୍ଡ଼ର ଆଦି ସେବା ପ୍ରଭାବିତ ହୋଇଛି। ଗୋଟେ ପଟେ ସରକାର ଡିଜିଟାଲ ଇଣ୍ଡିଆ କଥା କହୁଛନ୍ତି ଏବଂ ପ୍ରଶାସନ ଇଣ୍ଟରନେଟ ବନ୍ଦ କରି ଲୋକଙ୍କ ରୋଜଗାର ପନ୍ଥା ସାଜିଥିବା ଇଣ୍ଟରନେଟକୁ ବନ୍ଦ କରି ଏକରକମ ଜନ ଜୀବନକୁ ଠପ୍ କରିଦେଇଛନ୍ତି ବୋଲି ଯୁବ ସାମ୍ବାଦିକ ନେତାଜୀ ତାପସ କୁମାର ସାହୁ କହିଛନ୍ତି।

ଏବେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଦବୀ ପୂରଣ ପାଇଁ ଦୈନିକ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ ପାଉଛି। ଇଣ୍ଟରନେଟ ଯୋଗୁଁ ଆମେ ମାନେ ଇ-ପେପର ଜରିଆରେ ସମସ୍ତ ପରୀକ୍ଷା ଏବଂ ସାକ୍ଷାତକାର ବିଷୟରେ ଜାଣି ପାରୁଥିଲୁ। ମାତ୍ର ମଙ୍ଗଳବାର ଠାରୁ ଇଣ୍ଟରନେଟ ବନ୍ଦ ହେବା ପରେ ଏଯାଏଁ କୌଣସି ପରୀକ୍ଷା ସମ୍ବନ୍ଧରେ ପ୍ରବେଶିକା ପତ୍ର ହେଉ ଅବା ବିଜ୍ଞପ୍ତି ବିଷୟରେ କୌଣସି ସୂଚନା ପାଇ ପାରୁ ନାହୁଁ। ପ୍ରଶାସନ ଓ ସରକାର ଏହା ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଛାତ୍ରୀ ଚିନ୍ମୟୀ ପାତ୍ର ଅନୁରୋଧ କରିଛନ୍ତି।

ବାଲେଶ୍ୱର ପୌରାଞ୍ଚଳରେ ମଙ୍ଗଳବାର ଦିନ ୧୨ ଘଟିକା ପାଖରୁ ଇଣ୍ଟରନେଟ ସେବା ବନ୍ଦ ରହିଛି। ଏହି ସମସ୍ୟାର ସମ୍ମୁଖୀନ ହୋଇ ଅଧିକାଂଶ ଲୋକ କୁରୁଡା ନିକଟ ହାଇୱେ ପାଖକୁ ଆସି ଇଣ୍ଟରନେଟ୍ ଚଲାଉଥିବାର ଦେଖିବାକୁ ମିଳିଛି। ଗୁରୁବାର ଦିନ ହାଇୱେ ନିକଟ ଦୁଇ ପାର୍ଶ୍ୱ ରାସ୍ତାରେ ଛାତ୍ରଛାତ୍ରୀଙ୍କଠୁ ଆରମ୍ଭ କରି ସଭିଏଁ ଇଣ୍ଟରନେଟ୍ ସେବା ପାଇବା ପାଇଁ ଏଠାରେ ବସିଛନ୍ତି।

## ବାଲେଶ୍ୱରରେ ସ୍ଥିତି ସମୀକ୍ଷାକଲେ ଡିଜିପି

ବାଲେଶ୍ୱର, ୨୦।୬ (ସମିସ): ବାଲେଶ୍ୱରରେ ଗୋଷ୍ଠୀ ସଂଘର୍ଷ ଘଟଣା ନେଇ ସମ୍ପ୍ରତି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ। ଏଡିଜି, ଆଇନ ଶୃଙ୍ଖଳା ଓ ଆଇଜି ପୂର୍ବାଞ୍ଚଳଙ୍କୁ ନେଇ ଏହି ସମୀକ୍ଷା କରାଯାଇଛି। ସହରରେ ସମୁଦାୟ ୪୫ ପ୍ଲାଟୁନ୍ ଷ୍ଟେଟ ପୁଲିସ ମୁତୟନ ଅଛନ୍ତି। ୩ କମ୍ପାନୀ ବିଏସଏଫ୍ ମଧ୍ୟ ମୁତୟନ ରହିଛନ୍ତି। ଆଉ ୩ କମ୍ପାନୀ ବିଏସ୍ଏଫ୍ ଆସିଛନ୍ତି ମୁତୟନ ହେବେ କାଲିଠାରୁ। ଆଜି ଦିନରେ କିଛି ସମୟ କର୍ଫ୍ୟୁ କୋହଳ କରାଯାଇଥିଲା। ଏହି ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ କି କୌଣସି ଅଘଟଣ ଘଟିନାହିଁ। ଶୁକ୍ରବାର କର୍ଫ୍ୟୁ କୋହଳ ୬ ଘଣ୍ଟା ହେବ। ସବୁ ଜାଗାରେ ପୁଲିସ ଫୋର୍ସ ମୁତୟନ ଅଛନ୍ତି। କୁଇକ୍ ଆକ୍ସନ ଟିମ୍ ଓ ଓଡ଼ିଶା ସ୍ୱିଫ୍ଟ ଆକ୍ସନ ଫୋର୍ସ ମୁତୟନ ଅଛନ୍ତି। କୌଣସି ମୁହୂର୍ତ୍ତରେ ଅଘଟଣ ଘଟିଲେ ପୁଲିସ ପ୍ରଶାସନ ପ୍ରସ୍ତୁତ ଅଛି। ବିଶେଷକରି ସହରରେ ଶାନ୍ତି କିଭଳି ଫେରି ଆସିବ ଓ ଯେଉଁମାନେ ଗଣ୍ଡଗୋଳ କରୁଛି ସେମାନଙ୍କୁ ଆମେ ଦୃଢ଼ ହସ୍ତରେ ଦମନ କରିବୁ। ଗୁଜବ ଓ ଅପ ପ୍ରଚାର ପାଇଁ ଇଣ୍ଟରନେଟ ସେବା ବନ୍ଦ କରିବାକୁ ବାଧ ହେଲୁ। ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ସ୍ୱାଭାବିକ ହେବ। ଆମେ ଆଶା କରୁଛୁ ବାଲେଶ୍ୱର ବାସୀ ଓ ଲୋକଙ୍କ ସହଯୋଗରେ ସମସ୍ତେ ଆମକୁ ସାହାଯ୍ୟ କରିବେ ଓ ଶାନ୍ତି ଫେରି ଆସିବ ବୋଲି ଡିଜିପି ଅରୁଣ ଷଡଙ୍ଗୀ କହିଛନ୍ତି।

## ବିଜୁସେତୁ ନିର୍ମାଣରେ ଅନିୟମିତତା ଅଭିଯୋଗ

ସୋର, ୨୦।୬(ସମିସ): ସୋର ବ୍ଲକ ନଦୀଗାଁ ପଞ୍ଚାୟତ ଗୁହାଳଡିହି ଗ୍ରାମ ନିକଟସ୍ଥ ନୂଆନାଳ ଉପରେ ବିଜୁ ସେତୁ ନିର୍ମାଣରେ ଅନିୟମିତତା ହୋଇଥିବା ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନଙ୍କ ତରଫରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ୪ କୋଟି ୨୫ ଲକ୍ଷ ୩୧ ହଜାର ୮୫୧ ଟଙ୍କାର ବ୍ୟୟ ଅଟକଳରେ ଅନୁମୋଦିତ ଏହି ସେତୁ ଗତ ୨୦୨୩ ମସିହା ନଭେମ୍ବର ମାସରୁ ଆରମ୍ଭ ହୋଇ ୨୯.୫.୨୦୨୫ରେ ଶେଷ ହେବାର ଅବଧି ରହିଛି। ଏଥି ସହିତ ରଘୁନାଥପୁର ଗଞ୍ଜ ପ୍ରଧାନମନ୍ତ୍ରୀ ସଡ଼କଠାରୁ ଖଜୁରିଡ଼ିହା ଭାୟା ବଇଁଶୀଖାର୍ଜୀ ୧ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଅଟକଳ ମଞ୍ଜୁରି ପାଇ କାର୍ଯ୍ୟ ଚାଲିଛି। ମାତ୍ର ଏହି ରାସ୍ତା ଏବଂ ସେତୁର କୌଣସି ସୂଚନା ଫଳକ ଆଜି ଯାଏ ଲାଗି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ରାସ୍ତା ନିର୍ମାଣରେ ବ୍ୟବହୃତ ମାଟି ନିକଟସ୍ଥ ଚାଷୀମାନଙ୍କ ବିଲରୁ ବିନା ଅନୁମତିରେ ହଜାର ହଜାର ଟ୍ରିପ୍ ମାଟି ଉଠାଣ କରୁଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ସମ୍ପୃକ୍ତ ଠିକାଦାରଙ୍କ ତରଫରୁ ବ୍ୟବହୃତ ରଡ୍ ଏବଂ ସିମେଣ୍ଟର ନିମ୍ନମାନର ଏବଂ ଭାଗମାପ ଠିକ୍ ହେଉ ନଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତରେ ରାତିଦିନ ଢ଼ଳେଇ କାର୍ଯ୍ୟ ଚାଲୁ ରହୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଗୁହାଳଡିହି ଗ୍ରାମର ବାସିନ୍ଦାମାନେ ଜିଲାପାଳଙ୍କ ନିକଟରେ ଗତ ୧୭ ତାରିଖରେ ଅଭିଯୋଗ କରିଛନ୍ତି। ଏହାବ୍ୟତୀତ ଏହି ରାସ୍ତାରେ ନିକଟସ୍ଥ ହୀରା ନଦୀର ଶାଖା ନାଳରେ ହୋମ୍‌ପାଇପ୍ ପକାଇ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଏହି ପାଣି ସଠିକ୍ ଭାବେ ନିଷ୍କାସିତ ହୋଇ ନ ପାରି ଜଳ ଜମାଟ ବାନ୍ଧି ଚାଷ ପାଇଁ ଅସୁବିଧା ସୃଷ୍ଟି କରିବ। ଏଣୁ ଏଠାରେ ଏକ ପୋଲ ନିର୍ମାଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ରାଇପୀତାମ୍ବରରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ

ସୋର, ୨୦।୬(ସମିସ): ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ରାଇପିତାମ୍ବର ଗ୍ରାମରେ କିଟ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଆନ୍ତର୍ଜାତିକ 'ଆର୍ଟ ଅଫ ଗିଭିଂ' ଦିବସ ପାଳନ କରାଯାଇଛି। ଚାରିଦିନିଆ ଏହି କାର୍ଯ୍ୟକ୍ରମକୁ ଗୋପୀନାଥପୁର ସରପଞ୍ଚ ବନିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ସମାଜକୁ ଭଲପାଇବା, ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କୁ ସ୍ନେହ, ଆଦର, ସୁଖ ଓ ଶାନ୍ତି ବଜାୟ ରଖିବା ଏହା ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମର ଶେଷରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିମସର ବିଭାଗର କର୍ମଚାରୀ ରଜତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପାଳଚନ୍ଦ୍ର ପଣ୍ଡା, ପଦ୍ମଲୋଚନ ପଣ୍ଡା, ସଞ୍ଜୟ କୁମାର ପଣ୍ଡା, ମଦନମୋହନ ପଣ୍ଡା, ସୁଦର୍ଶନ ପଣ୍ଡା, ରମେଶ ପଣ୍ଡା, ଉତ୍ତମ ସାହୁ, ଅଭିଜିତ ଦାସ, ପ୍ରଭାତୀ ପଣ୍ଡା, ସୁକାନ୍ତି ପଣ୍ଡା ଏବଂ ମାଳତୀ ପଣ୍ଡାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ବର୍ଷା ଅଭାବରୁ ଚାଷକାର୍ଯ୍ୟରେ ବିଳମ୍ବ, ଚିନ୍ତାରେ ଚାଷୀ

ଚନ୍ଦନେଶ୍ୱର, ୨୦।୬ (ସମିସ) :



କେବେ ମୌସୁମୀ ବର୍ଷା ହେବ, ତାତି ଓ ଗୁଳୁଗୁଳିରୁ ମୁକ୍ତି ମିଳିବ ତାହା ସ୍ପଷ୍ଟ ହୋଇପାରି ନାହିଁ। ଫଳରେ ତାତି ଓ ଗୁଳୁଗୁଳିରେ ଛଟପଟ ହେବା ସହ ପାଣିପାଗ ବିଭାଗର ସୂଚନାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ୧୭ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ଆରମ୍ଭ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଗତ ସପ୍ତାହରେ ଆକଳନ କରାଯାଇଥିଲା। ତେବେ ଆକାଶରେ ଘଡ଼ଘଡ଼ି ମାରୁଛି ଓ ବିଜୁଳି ଦେଖା ଦେଉଛି। ହେଲେ ବର୍ଷା ହେଉନି। ରଜ ଯିବା ପରେ ବି ବର୍ଷା ହେଉ ନ ଥିବାରୁ ଧାନ ଚାଷ ପ୍ରାରମ୍ଭରୁ ସମଗ୍ର ଭୋଗରାଇରେ ଚାଷୀର ଚିନ୍ତା ବଢ଼ିଲାଣି। କିଛି ଜମିରେ ଧାନ ବୁଣା ସରିଛି ହେଲେ ଚାଷୀ ଯେଉଁ ଖଡରୀ ତଳି ପକାଇଛନ୍ତି ବର୍ଷା ହେଉ ନ ଥିବାରୁ ଗଛ ଉଠୁନି। ବର୍ଷା ଅଭାବରୁ ଭୋଗରାଇର ଭାତହାଣ୍ଡି କୁହାଯାଉଥିବା ଅନ୍ଧାରି, ପାନାଡିଆ, ତାଳାଣ୍ଟିଆ, କୁମ୍ଭୀର ଗଡ଼ି, ଟୁକୁରୀହାଜିରା, ମହିଶା କୋଠିଆ, ନାନକାର, ଚାଉଳକେରା, ଫୁଲବଣୀ ପାଣ୍ଟ, ତରାସିଆ ପାଣ୍ଟ, ବେଣୁଦା, ଦାରୁହା କଟିସାହି, ଉଲାଡି, ମନ୍ଦାରଣୀ ଆଦି ଚାଷ ଜମିରେ ୯୦ ପ୍ରତିଶତ ଜମି ଚାଷ ନ ହୋଇ ପଡ଼ିଆ ପଡ଼ି ରହିଛି। ଏ ନେଇ ଅନ୍ଧାରୀ ପାହିରେ ଥିବା ଚାଷୀ ମନୋଜ ପ୍ରଧାନ କୁହନ୍ତି, କାଳ ବୈଶାଖି ଯୋଗୁଁ ବିଭିନ୍ନ ସ୍ଥାନରେ ହୋଇଥିବା ବର୍ଷାକୁ ଦେଖି ହଳ କରି ଚାଷ ଚାଷ ପାଇଁ ଧାନ ବୁଣିଛୁ ହେଲେ ଚାଷ ପାଇଁ ବର୍ଷା ଠିକ୍ ନ ହେବାରୁ ତଳି ଉଠୁନାହିଁ। ପୁଣି ଥରେ ଜମିରେ ଶୁଖିଲା ଧାନ ତଳି ପକାଇଛୁ ହେଲେ ରଜ ଗଲା ପରେ ବି ବର୍ଷା ହେଉ ନାହିଁ। ଆମେ ଚାତକ ପକ୍ଷୀ ପରି ବର୍ଷାକୁ ଅନାଇ ରହିଛୁ। ଟୁକୁରୀ ହାଜିରା ଅଞ୍ଚଳର କିଛି ଚାଷୀ କୁହନ୍ତି, ଚଳିତ ବର୍ଷ ଭଲ ବର୍ଷା ହେବ ନାହିଁ। ମୌସୁମୀ ପ୍ରଥମରୁ ହଇରାଣ କଲାନି। ବର୍ଷା ନ ହେବାରୁ ଚାଷୀର ନିଦ ହଜିଗଲାଣି। ଆମ ଅଞ୍ଚଳର ଚାଷୀ ଧାନ ବୁଣି ବର୍ଷାକୁ ଅପେକ୍ଷା କରି ରହିଛୁ ବୋଲି କହିଛନ୍ତି। ଏବେ ପାଣିପାଗ ବିଭାଗ କହୁଛି ସ୍ୱଳ୍ପ ଦିନ ଭିତରେ ବର୍ଷା ହେବ। ଆମେ ବର୍ଷାକୁ ଅପେକ୍ଷା କରି ରହିଛୁ ବୋଲି ସେମାନେ ପ୍ରକାଶ କରିଛନ୍ତି। ବର୍ଷା ନ ଥିବାରୁ ଅଧିକାଂଶ ଜମି ଚାଷ ହୋଇ ନାହିଁ। ବର୍ଷା ହେଲେ ପଡ଼ିଆ ଜମିରେ ଚାଷ ହେବ। ଜୋର ବର୍ଷା ହେଲା ପରେ ବିଲ କାଦୁଅ କରାଯିବ ଏବଂ ତଳି ପଡ଼ିବ। ତେବେ ଅଧିକାଂଶ ଚାଷୀ ସରକାରୀ ଧାନ ବିହନ ଆମେ କିଣୁଥିବା ବେଳେ ନିଜେ ସଂରକ୍ଷଣ କରି ରଖିଥିବା ବିହନ ବୁଣିଥିବା ସୂଚାଇଛନ୍ତି। ଚଳିତ ବର୍ଷ ବର୍ଷା ଭଲ ନ ହେଲେ ଧାନ ଚାଷୀ କ୍ଷତି ହୋଇ ଯିବାର ଭୟ ମଧ୍ୟ ରହିଛି। ଧାନ ନଷ୍ଟ ହୋଇଗଲେ ପୁଣି ତଳି ପାଇଁ ହଇରାଣ ହେବାକୁ ପଡ଼ିବ ବୋଲି ସେମାନେ କହୁଛନ୍ତି। ୨୦/୨୫ ବର୍ଷ ପୂର୍ବେ ସରକାରୀ ଗଭୀର ନଳକୂପ, ଚାଷଜମି ପାଇଁ ବର୍ଷା ଅଭାବ ସମୟରେ ପାଣି ଯୋଗାଣ ବ୍ୟବସ୍ଥା ଏବେ ନାହିଁ। ତେବେ ସରକାରଙ୍କ ତରଫରୁ ଚାଷଜମି ପାଇଁ ଜଳସେଚନର ସୁବିଧା କରାଯାଇ ପାରିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଧିକାଂଶ ଚାଷୀ ମତବ୍ୟକ୍ତ କରିଛନ୍ତି।

## ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ବିଶ୍ୱ ରକ୍ତଶିକୁଳି ଦିବସ



ଖଇରା, ୨୦।୬ (ସମିସ); ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ବୁଧବାର ଦିନ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଏହି ରୋଗ ଉପରେ ସଚେତନ କରାଯାଇଛି। ଅଧ୍ୟକ୍ଷ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା ସଭାରେ ପ୍ରାଧ୍ୟାପକ ଯୁଧିଷ୍ଠିର କୁଅଁର, ଲିଙ୍ଗରାଜ କର, ଫୁଲମଣି ଦେଇ ଏହି ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଏଥପାଇଁ ପିଲାମାନେ ମସଲାଯୁକ୍ତ ଖାଦ୍ୟ ବଦଳରେ ଅଧିକ ସବୁଜ ପନିପରିବା ଗ୍ରହଣ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

## କିଓର-ବେ ଇ-କ୍ଲିନିକ୍ ପକ୍ଷରୁ ରକ୍ତଦାନ ଶିବିର

ନୀଳଗିରି, ୨୦।୬ (ସମିସ): ନୀଳଗିରି ପୋଡ଼ାଶୁଳ ସ୍ଥିତ କିଓର-ବେ ଇ କ୍ଲିନିକ ନୀଳଗିରି ଶାଖା ପକ୍ଷରୁ ବାଉଁଶନାଳ ସ୍ଥିତ କାର୍ଯ୍ୟାଳୟରେ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଏକ ରକ୍ତଦାନ ଶିବିର ଆମ ଓଡ଼ିଶା ଓ ଅମୃତ ଧାରା ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଶିବିରକୁ ଡାକ୍ତର ସରୋଜ କୁମାର ମହାପାତ୍ର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂ ତୁଷାର ରଞ୍ଜନ ଶତପଥୀ, ସମାଜସେବୀ ସତ୍ୟଜିତ ଦାସ, ଶ୍ରୀଧର ମହାନ୍ତି, ଅବିନାଶ ନାୟକ, ରାଜେଶ ବାରିକ, ସାଥୀ ସରୁପ ଦାସ, ବନଲତା ବେହେରା, ସଚ୍ଚିଦାନନ୍ଦ ସ୍ୱାଇଁ, ରାଜେଶ କୁମାର ବାରିକ, ଅଭିଜିତ ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାର୍ଷିକ ପୂର୍ତ୍ତି ଉପଲକ୍ଷେ କେକ କଟାଯାଇ ରକ୍ତ ଦାନ ଶିବିର ଶୁଭାରମ୍ଭ ହୋଇଥିଲା ଯେଉଁଥିରେ ମୋଟ ୨୩ ୟୁନିଟ ରକ୍ତ ସଂଗୃହୀତ ହୋଇ ବାଲେଶ୍ୱର ରକ୍ତ ଭଣ୍ଡାରରେ ପୈଠ କରାଯାଇଥିଲା। ଡ.ଲକ୍ଷ୍ମୀ ଜିୱାଇ, ଟେକ୍ନିସିଆନ ଦେବାଶିଷ ଦତ୍ତ, ଜ୍ୟୋସ୍ନାରାଣୀ ସ୍ୱାଇଁ, ବିନୋଦ ବିହାରୀ ଦାସ, ବୁଦ୍ଧଦେବ ସାହୁ, ଉତ୍କଳ ସାହୁ, ରତିକାନ୍ତ ବେହେରା ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ।




## ଇସ୍କନରେ ଆମ୍ର ମହୋତ୍ସବ



ସୋର, ୨୦।୬(ସମିସ): ସୋର ପୌରପାଳିକା ଅନ୍ତର୍ଗତ କମାଣପୁର ସ୍ଥିତ ଇସ୍କନ ଶାଖା ପକ୍ଷରୁ ଆମ୍ର ମହୋତ୍ସବ ଉପଲକ୍ଷେ ୬ କ୍ୱିଣ୍ଟାଲ ଆମ୍ବରେ ଠାକୁରଙ୍କର ସିଂହାର କରାଯାଇଛି। ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନା ଅମୃତ ସଙ୍ଘ ( ଇସ୍କନ) ପ୍ରତିଷ୍ଠାତା ଏ ସି ଶ୍ରୀଲା ପ୍ରଭୁପାଦ, ନିତାଇ ଗୌର ଏବଂ ରାଧା କୃଷ୍ଣଙ୍କୁ କେବଳ ଆମ୍ବରେ ପୂଜାର୍ଚ୍ଚନା ସହିତ ସୁସଜ୍ଜିତ କରାଯାଇଥିଲା। ସକାଳ ୮ ଟାରେ ଦର୍ଶନ ଆରତୀ ପରେ ପ୍ରବଚନ ଏବଂ ଅପରାହ୍ଣ ୪ ଟାରୁ ୬ଟା ପର୍ଯ୍ୟନ୍ତ ସିଂହାର ବେଶ ପରେ ଭକ୍ତ ମାନଙ୍କ ଦ୍ୱାରା ଭଜନ କୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ରାତିରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମନ୍ଦିରର ଅଧକ୍ଷ ଚୈତନ୍ୟ ଚନ୍ଦ୍ର ପ୍ରଭୁଜୀ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋର ସମେତ ବିଭିନ୍ନ ଅଞ୍ଚଳରୁ ୩ ହଜାରରୁ ଉଦ୍ଧ୍ୱର୍ ଭକ୍ତଙ୍କର ସମାଗମ ହୋଇଥିଲା।

## ଶାନ୍ତି ପ୍ରତିଷ୍ଠା ପାଇଁ ସିଆଇଟିୟୁର ନିବେଦନ

ନୀଳଗିରି, ୨୦।୬(ସମିସ): ବାଲେଶ୍ୱର ଏକ ଶାନ୍ତି ପ୍ରିୟ ସହର। ଚଳିତ ଇଦ୍ ପର୍ବରେ କୌଣସି ଏକ ଘଟଣାକୁ ନେଇ ଅଶାନ୍ତ ପରିବେଶ ସୃଷ୍ଟି ହେବା ଫଳରେ ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି କରାଯାଇଛି। ଏଥିପାଇଁ ସବୁ ବର୍ଗର ସାଧାରଣ ଜନତା ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଉକ୍ତ ଘଟଣାକୁ ସିଆଇଟିୟୁର ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ନିନ୍ଦା କରାଯାଇଛି। ବାଲେଶ୍ୱରରେ ଯଥାଶୀଘ୍ର ଶାନ୍ତି ପ୍ରତିଷ୍ଠା ପାଇଁ ସିଆଇଟିୟୁ ର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ପ୍ରଶାସନ କୁ ନିବେଦନ କରାଯାଇଛି। ତତ୍ ସହିତ ବାଲେଶ୍ୱର ସହରବାସି ଉକ୍ତ ଘଟଣାକୁ ଆଗକୁ ନ ବଢ଼ାଇ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା ପାଇଁ ନିବେଦନ କରାଯାଇଛି। ଶାନ୍ତି ପ୍ରତିଷ୍ଠା ପାଇଁ ଜିଲ୍ଲାପାଳ ସର୍ବଦଳୀୟ ବୈଠକ ଡାକି ସମାଧାନର ପନ୍ଥା ବାହାର କରିବା ପାଇଁ ସିଆଇଟିୟୁର ଜିଲ୍ଲା ଆବାହକ ବିଜୟ ପାତ୍ର ଏକ ପ୍ରସ୍ତାବ ଦେଇଛନ୍ତି।

## ଚିତ୍ରଶିଳ୍ପୀ ମୁକ୍ତିକାନ୍ତଙ୍କୁ ମିଳିଲା ଜୟଦେବ ସମ୍ମାନ



ଖଇରା, ୨୦।୬ (ସମିସ): ଜୟଦେବ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ଖଇରା ଅଞ୍ଚଳର ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଅଧ୍ୟାପକ ମୁକ୍ତିକାନ୍ତ ବେହେରାଙ୍କୁ ମର୍ଯ୍ୟାଦାଜନକ ଜୟଦେବ ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। କଟକ କଳାବିକାଶ କେନ୍ଦ୍ର ପରିସରରେ ଗତ ୧୬ତାରିଖ ଦିନ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବାଚସ୍ପତି ସୁରମା ପାଢ଼ୀ, କଳାଭୁଷଣ ପ୍ରଶାନ୍ତ କର, ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ ଓ ସିଦ୍ଧାନ୍ତ ମହାପାତ୍ର, ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ପ୍ରାକ୍ତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଡ ଚିଦାତ୍ମିକ ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିବା ସହ ମୁକ୍ତକାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନପତ୍ର ସହ ସୁନା ପଦକ, ୧ଲକ୍ଷର ବୀମାରାଶି, ମୁକୁଟ, ଟ୍ରଫି, ପଟି ସାଙ୍ଗକୁ ପ୍ରତିଭା ପରିଚୟ ପୁସ୍ତକ ପ୍ରଦାନ କରାଯାଇଥିଲା। ବାଲେଶ୍ୱର ଜିଲା ମହତୀପୁର ଗ୍ରାମ ପଞ୍ଚାୟତ କଳରାପାଳ ଗ୍ରାମର ମାଳତୀଲତା ବେହେରା ଓ ଗୋବିନ୍ଦ ବେହେରାଙ୍କ ସାନପୁଅ ମୁକ୍ତିକାନ୍ତ ଏବେ ଖଲିକୋଟସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନରେ ଗଣିତ ବିଭାଗରେ ଅଧ୍ୟାପକ ଥିଲେ ହେଁ ରଙ୍ଗୋଲି, କାର୍ଟୁନ, ମହାପୁରୁଷ ମାନଙ୍କର ବିଭିନ୍ନ ପ୍ରକାର ଚିତ୍ର ଅଙ୍କନ କୁ ନିଶା ଭାବେ ଗ୍ରହଣ କରି ବିଭିନ୍ନ ସ୍ଥାନରୁ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍

ବାଲେଶ୍ୱର, ୨୦।୬ (ସମିସ):



ଗୁରୁବାର ପୂର୍ବାହ୍ନ ୯ଟାରେ କଲେକ୍ଟୋରେଟ ପରିସରଠାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ବାଲେଶ୍ୱର ଜିଲ୍ଲା ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ ଏଥିପାଇଁ ସମସ୍ତଙ୍କ ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ମତପ୍ରକାଶ କରିଥିଲେ ଓ ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା ଓ ବନ୍ୟାକୁ ରୋକାଯାଇ ପାରିବ ନାହିଁ କିନ୍ତୁ ସତର୍କତା, ସଚେତନତା ଓ ପ୍ରାକ୍ ପ୍ରସ୍ତୁତି ଦ୍ୱାରା ଧନଜୀବନ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି ଶ୍ରୀ ବେହେରା ଦୃଢୋକ୍ତି ରଖିଥିଲେ। ଏଥିରେ ଜିଲ୍ଲା ଅଗ୍ନିଶମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡିଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର ଅଗ୍ନିକମାନେ ଯୋଗ ଦେଇ ସୃଷ୍ଟି ହେଉଥିବା ବିଭିନ୍ନ ବିପର୍ଯ୍ୟୟର ମୁକାବିଲା ପାଇଁ ଗ୍ରହଣ କରିବାକୁ ଥିବା ପଦକ୍ଷେପ ସମ୍ପର୍କରେ ବିଷଦ ଭାବେ ମକଡ୍ରିଲ ମାଧ୍ୟମରେ ପ୍ରଦର୍ଶନ ସହ ଅବଗତ କରାଇଥିଲେ ଓ ଦୈନନ୍ଦିନ ଜୀବନରେ ଘଟୁଥିବା ଛୋଟ ବଡ ଦୁର୍ଘଟଣାକୁ କିପରି ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ ମଧ୍ୟ ମକଡ୍ରିଲ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନେକ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ।

## ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଲେ ସାଂସଦ



ଖଇରା, ୨୦।୬ (ସମିସ): ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ଶାଶୂ ତଥା ପୂର୍ବତନ ସମିତିସଭ୍ୟା ବିଷ୍ଣୁପଦ ସାହୁଙ୍କ ସ୍ତ୍ରୀ ସାବିତ୍ରୀ ସାହୁ ଆଖିବୁଜିଥିବା ବେଳେ ଗୁରୁବାର ଭଦ୍ରକ ଏମପି ଅଭିମନ୍ୟୁ ସେଠୀ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। କର୍କଟ ରୋଗରେ ଦେଢ ବର୍ଷରୁ ଉର୍ଦ୍ଧ ସମୟ ଧରି ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ଦିନ ଆଖିବୁଜିଥିଲେ। ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସଂସ୍କାର ପୂର୍ବରୁ ବିଶିଷ୍ଟ ସମାଜସେବୀ ଶଶିକୁମାର ସାହୁ ଶେଷଦର୍ଶନ କରିବା ସହ ମରଶରୀରରେ ମାଲ୍ୟାର୍ପଣ କରିଥିଲେ।

# ଜିଲ୍ଲାରେ ପିଏମ୍‌ଏୱାଇ ଘର ନିର୍ମାଣରେ ଶିଥିଳତା

**ବାଲେଶ୍ୱର, ୨୦।୬(ସମିସ):**

ବାଲେଶ୍ୱର ଜିଲ୍ଲାରେ ପିଏମଏୱାଇ (ପ୍ରଧାନମନ୍ତ୍ରୀ ଆବାସ ଯୋଜନା) ଘର ନିର୍ମାଣ କ୍ଷେତ୍ରରେ ଶିଥିଳତା ଦେଖିବାକୁ ମିଳିଛି। କହିବାକୁ ଗଲେ ଜିଲ୍ଲାରେ ଏହି ଯୋଜନା କଚ୍ଛପ ଗତିରେ ଚାଲିଛି। ବିଗତ ସାତ ବର୍ଷ ମଧ୍ୟରେ ଜିଲ୍ଲାର ୧ଲକ୍ଷ ୬୪ହଜାର ୧୨୬ଜଣ ହିତାଧିକାରୀଙ୍କ ଘର ନିର୍ମାଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଥିଲା। ମାତ୍ର ନିର୍ମାଣ ହେଇଛି ୧ଲକ୍ଷ ୧୮ ହଜାର ୨୧୬ଜଣ ହିତାଧିକାରୀଙ୍କ ଘର। ବକେୟା ୪୫ହଜାର ୯୧୦ ଜଣ ହିତାଧିକାରୀଙ୍କ ଘର ନିର୍ମାଣାଧୀନ ଅବସ୍ଥାରେ ରହିଛି। ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପରିବାର ଗୁଡିକୁ ସରକାର ଦୀର୍ଘ ବର୍ଷ ଧରି ପିଏମଏୱାଇ ଯୋଜନାରେ ମାଗଣା ପକ୍କା ଘର ଯୋଗାଇ ଦେଇ ଆସୁଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି ଘର ଗୁଡିକୁ ନିର୍ମାଣ କରିବା ପାଇଁ ସରକାର ଗୁରୁତ୍ୱ ଦେଇଥିବା ଯୋଗୁ ରାଜ୍ୟର ବିଭିନ୍ନ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦିଆଯାଉଛି। ମାତ୍ର ବାଲେଶ୍ୱର ଜିଲ୍ଲା ପ୍ରଶାସନ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଫଳରେ ବିଗତ ସାତ ବର୍ଷ ମଧ୍ୟରେ ଏହି ଜିଲ୍ଲାର ଗ୍ରାମାଞ୍ଚଳରେ ପିଏମଏୱାଇ ଯୋଜନା ଅନ୍ତର୍ଭୁକ୍ତ ଘର ଗୁଡିକର ନିର୍ମାଣ କାର୍ଯ୍ୟ ଶେଷ ହେଇ ପାରୁନଥିବା ଜାଣିବାକୁ ମିଳିଛି। ଗତ ୨୦୧୬-୧୭ ଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଜିଲ୍ଲାର ୧୨ଟି ବ୍ଲକରେ ୧ଲକ୍ଷ ୬୪ହଜାର ୧୨୬ଟି ପିଏମଏୱାଇ ଘର ନିର୍ମାଣ କରିବା ପାଇଁ ଜିଲ୍ଲା ପ୍ରଶାସନ ସ୍ଥିର କରିଥିଲା। ହେଲେ ଏହି ନିର୍ଦ୍ଧାରିତ ସମୟ ମଧ୍ୟରେ ମାତ୍ର ୧ଲକ୍ଷ ୧୮ହଜାର ୨୧୬ଟି ପିଏମଏୱାଇ ଘର ନିର୍ମାଣ ହେଇଛି। ଗତ ୨୦୧୬-୧୭ ରୁ ୨୦୨୨-୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଜିଲ୍ଲାର ୧୨ଟି ବ୍ଲକରେ ୪୫ହଜାର ୯୧୦ଟି ଘର ବିଭିନ୍ନ କାରଣ ପାଇଁ ନିର୍ମାଣ ହେଇପାରି ନଥିବା ଜଣାଯାଇଛି।

- ସାତ ବର୍ଷରେ ୧ଲକ୍ଷ ୬୪ହଜାର ୧୨୬ଟି ଘର ନିର୍ମାଣ ଲକ୍ଷ୍ୟ ଥିଲା
- ନିର୍ମାଣ ହୋଇଛି ୧ଲକ୍ଷ ୧୮ ହଜାର ୨୧୬ ଘର

ମିଳିଥିବା ତଥ୍ୟାନୁଯାୟୀ ୨୦୧୬-୧୭ ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲ୍ଲାର ଗ୍ରାମାଞ୍ଚଳରେ ୧୯ହଜାର ୧୧୨ଟି ପିଏମଏୱାଇ ଘର ନିର୍ମାଣ କରିବାକୁ ସ୍ଥିର କରାଯାଇ ଥିଲା। ମାତ୍ର ଏହି ଆର୍ଥିକ ବର୍ଷରେ୧୬ହଜାର ୫୬୪ଟି ଘର ନିର୍ମାଣ କରାଯାଇଥିଲା। ପୁଣି ୨୦୧୭-୧୮ ଆର୍ଥିକ ବର୍ଷରେ ଜିଲ୍ଲାରେ ୧୬ହଜାର ୧୮ଟି ପିଏମଏୱାଇ ଘର ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା।ହେଲେ ସମ୍ପୃକ୍ତ ବର୍ଷରେ ୧୪ହଜାର ୭୮୧ଟି ଘର ନିର୍ମାଣ କରାଯାଇଛି। ଏହାବାଦ ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲ୍ଲାରେ ୧୮ହଜାର ୪୬ଟି ଘର ନିର୍ମାଣ କରିବା ପାଇଁ ସ୍ଥିର କରାଯାଇଥିଲା। ମାତ୍ର ସମ୍ପୃକ୍ତ ଆର୍ଥିକ ବର୍ଷରେ ୧୬ହଜାର ୫୬୧ଟି ଘର ନିର୍ମାଣ କରାଯାଇଛି। ଗତ୨୦୧୯-୨୦ ଆର୍ଥିକ ବର୍ଷ ଜିଲ୍ଲାରେ ୩୬ ହଜାର ୬୨୭ଟି ପିଏମଏୱାଇ ଘର ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇ ଥିଲା। ହେଲେ ଏହି ଆର୍ଥିକ ବର୍ଷରେ ଜିଲ୍ଲାର ୩୧ହଜାର ୧୦୨ଟି ଘର ନିର୍ମାଣ କରାଯାଇଛି। ଗତ ୨୦୨୦-୨୧ଆର୍ଥିକ ବର୍ଷରେ ଜିଲ୍ଲାର ୨୪ହଜାର ୮୦୯ଟି ପିଏମଏୱାଇ ଘର ନିର୍ମାଣ କରାଯିବା ପାଇଁ ସ୍ଥିର କରାଯାଇ ଥିଲା। ମାତ୍ର ଏହି ଆର୍ଥିକ ବର୍ଷରେ ଜିଲ୍ଲାରେ ୨୨ହଜାର ୪୨୧ଟି ଘର ନିର୍ମାଣ ହେଇଛି। ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ୩୯ହଜାର ୩୫୪ଟି ପିଏମଏୱାଇ ଘର ଜିଲ୍ଲାରେ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ଏହି ଆର୍ଥିକ ବର୍ଷରେ ୧୨ହଜାର ୪୧୨ଟି ଘର ନିର୍ମାଣ ହୋଇଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲ୍ଲାର ୧୦ହଜାର ୯୫୯ଟି ଘର ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଏହି ଆର୍ଥିକ ବର୍ଷରେ ୩ ହଜାର ୩୭୫ଟି ପିଏମଏୱାଇ ଘର ନିର୍ମାଣ କରାଯାଇଥିବାର ଜିଲ୍ଲା ପ୍ରଶାସନ ସୂତ୍ରରୁ ଜାଣିବାକୁ ମିଳିଛି। ଗତ ୭ଟି ଆର୍ଥିକ ବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ମୋଟ ୧ଲକ୍ଷ ୧୬ହଜାର ୭୪୭ଟି ପିଏମଏୱାଇ ଘର ନିର୍ମାଣ ହୋଇଥିଲାବେଳେ ବକେୟା ନିର୍ମାଣ ହୋଇ ନାହିଁ ୪୫ହଜାର ୯୧୦ଟି ଘର। ଏହି ଘର ଗୁଡିକ ନିର୍ମାଣ ହୋଇ ନ ପାରିବା ପଛରେ ଅନେକ କାରଣ ରହିଛି। ୧ହଜାର ୪୦୮ ଜଣ ହିତାଧିକାରୀଙ୍କ ନାମରେ ଜମି ନଥିବା ଯୋଗୁ ଯୋଜନାର ନିୟମାନୁଯାୟୀ ଘର ହୋଇ ପାରିନି। ଏହାବାଦ ୪୬ହଜାର ୮୧୬ ଜଣ ହିତାଧିକାରୀ ଘରର ମୂଳଦୁଆ କାମକଲା ପରେ ବିଭିନ୍ନ କାରଣକୁ ନେଇ ଘର ନିର୍ମାଣ କାର୍ଯ୍ୟ ବନ୍ଦ ରଖିଛନ୍ତି। ଏହା ମଧ୍ୟରୁ ୪ ହଜାର ୨୭୪ ହିତାଧିକାରୀ ପ୍ରଥମ କିସ୍ତି ଅନୁଦାନ ଅର୍ଥରାଶି ପାଇ ନଥିବା କାରଣରୁ ଘର ନିର୍ମାଣ କାର୍ଯ୍ୟ କରିପାରି ନାହାନ୍ତି। ଆଉ ୨୬ ହଜାର ୫୧୨ ଜଣ ହିତାଧିକାରୀଙ୍କ ଘର ନିର୍ମାଣ କାର୍ଯ୍ୟ ଗ୍ରେଡବିମ ପରେ ବନ୍ଦ ରହିଛି। ଏହାବାଦ ୮ ହଜାର ୨୬ଜଣ ହିତାଧିକାରୀଙ୍କ ଘରର ନିର୍ମାଣ କାର୍ଯ୍ୟ ନିମଟାଲ ପର୍ଯ୍ୟନ୍ତ ହୋଇ ବନ୍ଦ ରହି ଥିବାବେଳେ ୭ହଜାର ୫ଜଣ ହିତାଧିକାରୀଙ୍କ ଘରର ନିର୍ମାଣ କାର୍ଯ୍ୟ ଛାତ ପର୍ଯ୍ୟନ୍ତ ହୋଇଥିଲେ ବି, ସମ୍ପୂର୍ଣ୍ଣ ହେଇନଥିବା ଜାଣିବାକୁ ମିଳିଛି। ଏ ବାବଦରେ ଜିଲ୍ଲାପରିଷଦ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନି।

# ଦୁର୍ଘଟଣାରେ ଦୁଇ ଗୁରୁତର



**କମର୍ଦ୍ଦା, ୨୦।୬(ସମିସ):** ଗୁରୁବାର ସକାଳେ ଭୋଗରାଇ ବ୍ଲକ କମର୍ଦ୍ଦାସ୍ଥିତ ଡାକ୍ତରଖାନା ନିକଟରେ ଏକ ଟୋଟକୁ ସ୍କର୍ପିଓ ପଛପଟୁ ଧକ୍କା ଦେବା ଫଳରେ ଟୋଟ ଡ୍ରାଇଭର ସମେତ ଜଣେ ଯାତ୍ରୀ ଗୁରୁତର ହୋଇଛନ୍ତି। କମର୍ଦ୍ଦା ଥାନା ପୁଲିସ ସ୍କର୍ପିଓ ସହିତ ଡ୍ରାଇଭର ବଳରାମ ପଣ୍ଡାକୁ ଥାନାକୁ ନେଇ ଅଟକ ରଖିଛି। ଭୋଗରାଇ ବ୍ଲକର କମର୍ଦ୍ଦା-ବାଲିଆପାଳ ରାସ୍ତାର ବାଲିଆପାଳ ଆଡୁ ଏକ ଟୋଟ ଯାତ୍ରୀକୁ ଧରି ଜଳେଶ୍ୱର ଯାଉଥିଲା। ହେଲେ ଏକ ସ୍କର୍ପିଓ ଭାରସାମ୍ୟ ହରା ଟୋଟକୁ ଧକ୍କା ଦେଇଥିଲା। ଫଳରେ ଟୋଟର ଡ୍ରାଇଭର ସମେତ ଦୁଇଜଣ ଯାତ୍ରୀ ଆହତ ହୋଇଥିଲେ। ସେଥିରୁ ଡ୍ରାଇଭର ହିଂମାଶୁ ଦାସ(ବୁଲୁ)କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ କମର୍ଦ୍ଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହା ସହିତ ଯାତ୍ରୀ ଶାନ୍ତିଲତା ସାହୁକୁ ମଧ୍ୟ ଡାକ୍ତରଖାନାକୁ ନିଆ ଯାଇଥିଲା। ଏହି ଦୁଇ ଜଣଙ୍କ ଘର ଆରୁହାବୃତି ଗ୍ରାମର ବୋଲି ଜଣା ପଡ଼ିଛି। ସେ ଦୁହିଁଙ୍କୁ ବାଲେଶ୍ୱର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# କଟକଣା ହଟିଲା ପରେ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଉତ୍ସାହ



**ଶ୍ରଦ୍ଧାପୁର, ୨୦।୬ (ସମିସ):** ଦୁଇ ମାସର କଟକଣା ହଟିଲା ପରେ ମତ୍ସ୍ୟଜୀବୀ ପରିବାରଙ୍କ ମୁହଁରେ ହସ ଫୁଟିଛି। ଏହି ଦୁଇ ମାସ କଟକଣା ପାଇଁ ଶହ ଶହ ମତ୍ସ୍ୟଜୀବୀ ପରିବାର ଘରେ ହାତ ବାନ୍ଧି ବସିଥିଲେ। ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପାଇଁ ବଡ଼ କଷ୍ଟକର ହୋଇପଡ଼ିଥିଲା। ତେବେ କଟକଣା ହଟିବା ନେଇ ଖବର ପାଇବା ପରେ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଥିଲା। ଗତ ଶନିବାର ପାଖରୁ କିଛି ମତ୍ସ୍ୟଜୀବୀ ସଜବାଜ ହୋଇ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଦେଖିବାକୁ ମିଳିଛି। ତେବେ ତେଲ ମୂଲ୍ୟ ଅତ୍ୟଧିକ ବୃଦ୍ଧି ସହିତ ପାଗ ପରିସ୍ଥିତି ପାଇଁ ସମୁଦ୍ରରେ ଆଶାନୁରୂପକ ମାଛ ପଡୁ ନ ଥିବାରୁ ମତ୍ସ୍ୟଜୀବୀମାନେ ନିରାଶ ହେଉଛନ୍ତି। ଭୋଗରାଇର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ର ଉଦୟପୁର, ତାଳସାରୀ, ରଣସିଂହପୁର ଓ କୀର୍ତ୍ତନିଆ ଜେଟି ଜଣାଶୁଣା। ମାଛ, କଙ୍କଡା ପ୍ରଜନନ ଋତୁ ପାଇଁ ସରକାରଙ୍କ ପକ୍ଷରୁ ଏପ୍ରିଲ ୧୫ରୁ ଜୁନ ୧୪ ପର୍ଯ୍ୟନ୍ତ ଦୁଇ ମାସ ସମୁଦ୍ରରେ ମାଛ ଧରିବା ଉପରେ କଟକଣା ଲାଗିଥିଲା। ଯନ୍ତ୍ରଚାଳିତ ଡ଼ଙ୍ଗା ଉପରେ ସରକାର କଟକଣା ଲଗାଇଥିଲେ। ତେବେ ଏହି ଦୁଇ ମାସ ଭୋଗରାଇର ପ୍ରାୟ ଦୁଇ ହଜାରରୁ ଅଧିକ ମତ୍ସ୍ୟଜୀବୀ ପରିବାର ନିଜର ଜୀବିକା ହରାଇ ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିଲେ। କଟକଣା ହଟିଲା ପାଖରୁ ଗତ ଶନିବାର ପାଖରୁ ଏହି ଅବତରଣ କେନ୍ଦ୍ର ଚଳ ଚଞ୍ଚଳ ଉଠିଛି। ମତ୍ସ୍ୟଜୀବୀ, ଖାଉଟି ଓ ବେପାରୀମାନେ ବେଶ ଭିଡ଼ ଜମେଇଛନ୍ତି। ଉଦୟପୁରଠାରୁ କୀର୍ତ୍ତନିଆ ମୁହାଣ ପର୍ଯ୍ୟନ୍ତ ୧୧୧ଟି ଭୁଟ୍‌ଭୁଟି, ୧୩୧ଟି ଦେଶୀ ଡ଼ଙ୍ଗା ଓ ୪ ଟି ଟ୍ରଲର ସରକାରୀ ସ୍ତରରେ ପଞ୍ଜିକୃତ ହୋଇ ସମୁଦ୍ରକୁ ମାଛ ଧରିବାକୁ ଯାଇଆନ୍ତି। ରଣସିଂହପୁର ଓ କୀର୍ତ୍ତନିଆ ଅବତରଣ କେନ୍ଦ୍ରରେ ସୋମବାର ସକାଳେ ଇଲସି, ବାଉଲ, ଭେକଟି, କରୁଆ ଭଳି ଦାମୀ ମାଛ ଜାଲରେ ପଡ଼ି ନ ଥିବା ନଜରକୁ ଆସିଛି। ଫିରକି, ଶିଳା, ରଙ୍ଗେଇରୋଳି, କଡ଼ମା ଓ ମକୁନ୍ଦି ଭଳି ଛୋଟ ଛୋଟ ମାଛ ଜାଲରେ ପଡ଼ିଥିଲା। ଆଶାନୁରୂପ ମାଛ ନ ହେବା ଫଳରେ ଏହି ସବୁ ମାଛର ମୂଲ୍ୟ ଆକାଶ ଛୁଆଁ ରହିଥିଲା। ତୁନା ମାଛର ମୂଲ୍ୟ ଦୁଇ ଶହ ଟଙ୍କାରୁ ଅଧିକ ରହିଥିଲା। ଚଳିତ ବର୍ଷ ଇଲିସି ଅଧିକ ପରିମାଣରେ ହେବ ନାହିଁ ବୋଲି ମତ୍ସ୍ୟଜୀବୀମାନେ କହୁଛନ୍ତି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମହାବିଦ୍ୟାଳୟ ବିକାଶ ପରିଷଦର ବୈଠକ




**ବାଲେଶ୍ୱର, ୨୦।୬(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନର ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟ ବିକାଶ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହାବିଦ୍ୟାଳୟ ବିକାଶ ପରିଷଦର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ଅଗ୍ରୱାଲ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଏହି ବୈଠକରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାସ୍ଥିତ ବିଭିନ୍ନ ମହାବିଦ୍ୟାଳୟର ପ୍ରିନ୍‌ସିପାଲ ଯୋଗଦେଇଥିଲେ। ବୈଠକରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ, ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିତ୍ତ ନିୟନ୍ତ୍ରକ କରନ ସୋରେନ, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ରାୟଙ୍କ ସହ ସମସ୍ତ ବିଭାଗ ମୁଖ୍ୟ ଉପସ୍ଥିତ ରହିଥିଲେ। ଏଥିରେ ଆଲୋଚ୍ୟ ପ୍ରସଙ୍ଗ ମଧ୍ୟରେ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା, ଅନୁବନ୍ଧନ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ପରୀକ୍ଷା ସମ୍ବନ୍ଧିତ ପ୍ରଣାଳୀ ଆଦି ମହତ୍ୱପୂର୍ଣ୍ଣ ବିଷୟମାନ ଆଲୋଚନା କରାଯାଇଥିଲା। ଏଥିସହ ମହାବିଦ୍ୟାଳୟ ବିକାଶ ପରିଷଦର ଭୂମିକା ନିର୍ବାହ ନେଇ ସୂଚୀତ କରାଯାଇଥିଲା। ଏହି ବିକାଶ ପରିଷଦ ପଦୋନ୍ନତି, ସମନ୍ୱୟ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରକାଶ କରାଯାଇଛି। ମହାବିଦ୍ୟାଳୟ ଗୁଡ଼ିକର ସଠିକ୍ ଯୋଜନା ଏବଂ ସମନ୍ୱିତ ବିକାଶ ସମ୍ବନ୍ଧରେ ଏକ ନୀତି ପ୍ରସ୍ତୁତକାରୀ ସଂସ୍ଥା ଭାବରେ କାର୍ଯ୍ୟ କରିବ ତଥା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରତ୍ୟେକ କଲେଜର ଏକ ଅପ-ଟୁ-ଡେଟ୍ ପ୍ରୋଫାଇଲ୍ ରଖିବା ପାଇଁ ସମସ୍ତ ଅନୁବନ୍ଧିତ କଲେଜ ଗୁଡ଼ିକର ସର୍ଭେ କରିବ। ଏଥିସହ ଏହି ବିକାଶ ପରିଷଦ କଲେଜଗୁଡ଼ିକର ଅନୁବନ୍ଧନ ଉପରେ ବିଶ୍ୱବିଦ୍ୟାଳୟ ନୀତିନିୟମ ଉପରେ ଯୁକ୍ତିଯୁକ୍ତ ବ୍ୟବସ୍ଥା ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟକୁ ପରାମର୍ଶ ପ୍ରଦାନ କରିବ। କଲେଜଗୁଡ଼ିକୁ ସେମାନଙ୍କର ସଠିକ୍ ବିକାଶ, ଶିକ୍ଷକ ଚୟନ, ଅନୁଦାନର ଉପଯୋଗ, ପରୀକ୍ଷା, ପାଠ୍ୟକ୍ରମ ଇତ୍ୟାଦିରେ ୟୁଜିସିର ନିର୍ଦ୍ଦେଶାବଳୀକୁ ଦକ୍ଷତାର ସହ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବା ଆଦି ଦାୟିତ୍ୱ ନିର୍ବାହ କରିବ। ଏଥିସହିତ ଉପସ୍ଥିତ ସମସ୍ତ ମହାବିଦ୍ୟାଳୟଗୁଡ଼ିକର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମହାବିଦ୍ୟାଳୟ ବିକାଶ ପରିଷଦ ଆଗାମୀ ଶିକ୍ଷାବର୍ଷ ନିମନ୍ତେ ସମ୍ପୃକ୍ତ ସମସ୍ତ ପ୍ରସ୍ତୁତ କରାଯିବାର ସମ୍ଭାବନା ନେଇ ଆଶାବ୍ୟକ୍ତ କରିଛି। କାର୍ଯ୍ୟକ୍ରମଟିକୁ ଉପେନ୍ଦ୍ର ପ୍ରସାଦ ଜେନା ସଞ୍ଚାଳନା କରିଥିଲେ।

# ଭୋଗରାଇରେ ବିଶ୍ୱ ସିକଲ୍‌ସେଲ୍ ଦିବସ ପାଳିତ

**ଚନ୍ଦନେଶ୍ୱର, ୨୦।୬ (ସମିସ):** ଜୁନ୍ ୧୯ରୁ ବିଶ୍ୱ ସିକେଲସେଲ ଦିବସରୁ ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହା ଜୁଲାଇ ୩ ତାରିଖରେ ସମାପ୍ତ ହେବ। ୨୦୪୭ ସୁଦ୍ଧା ଭାରତକୁ ସିକିଲ ସେଲ ଏନିମିଆ ବା ରକ୍ତହୀନତା ମୁକ୍ତ କରିବା ପାଇଁ ସରକାର ଏହି ପଦକ୍ଷେପ ହାତକୁ ନିଆଯାଉଛି। ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଳେଶ୍ୱରପୁର ଓ କମର୍ଦ୍ଦା ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୯ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୩୨ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଶ୍ୱ ସିକେଲସେଲ ଦିବସ ଉପଲକ୍ଷେ ଭୋଗରାଇ ବ୍ଲକ ନିମାତପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ କେନ୍ଦ୍ରର ଆୟୁଷ ଚିକିତ୍ସା ଅଧିକାରୀ ଡାକ୍ତର କମଳାକାନ୍ତ ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଆରୋଗ୍ୟ କେନ୍ଦ୍ରର ରୋଗୀ କଲ୍ୟାଣ ସମିତିର ସଭାପତି ତଥା ସ୍ଥାନୀୟ ଜିଲ୍ଲାପରିଷଦ ସଦସ୍ୟା ନିବେଦିତା ମହାନ୍ତି, ମୁଖ୍ୟ ବକ୍ତା ଭାବରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଚିନ୍ମୟ କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବରେ ସମ୍ବାଦର ବ୍ଲକ ପ୍ରତିନିଧି ସାମ୍ବାଦିକ ଦିଲ୍ଲୀପ କୁମାର ଦାସ, ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର କୁମାର ଦଳାଇ, ଆଇସିଡ଼ିଏସ ସୁପରଭାଇଜର ଶ୍ରୀନିଙ୍ଗ ମୁର୍ମୁ, ସମାଜସେବୀ ଦିଲ୍ଲୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆରୋଗ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ଜିତେନ୍ କୁମାର ହାଜିରା, ଲାବାରୋଟାରୀ ଆସିଷ୍ଟାଣ୍ଟ ଅର୍ଚ୍ଚନା ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅଜିତ ଶାସମଲ, ପ୍ରଶାନ୍ତ ଘଡ଼ାଇ, ମାନସ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ସେହିପରି କମର୍ଦ୍ଦା ଠାରେ ଏବଂ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କମଳାକାନ୍ତ ଜେନାଙ୍କ ସଭାପତିତ୍ୱରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ୩୧ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ଦମୟନ୍ତୀ ସାହୁ ଯୋଗଦେଇ ଥିଲେ। ଲକ୍ଷ୍ମୀପ୍ରିୟା ଦାସ ଲୋକ ମାନଙ୍କୁ ରକ୍ତହୀନତା ଓ ତା'ର ନିରାକରଣ ବାବଦରେ ସଚେତନ କରାଇଥିଲେ। ସୁଶାନ୍ତ ଜେନା, ଜୟନ୍ତ ପଣ୍ଡା ଶିବଶଙ୍କର ଦେ ପ୍ରମୁଖ ସଭା ପରିଚାଳନା କରିଥିଲେ। କବିପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପ୍ରସ୍ତୁତି



**ଜଳେଶ୍ୱର ବ୍ଲକ, ୨୦।୬ (ସମିସ):** ଗତ ବୁଧବାର ସନ୍ଧ୍ୟାରେ ଜଳେଶ୍ୱର ସହରର ସରସ୍ୱତୀ ଶିଶୁ ମନ୍ଦିରଠାରେ ଜଳେଶ୍ୱର ନଗର ଯୋଗ ସମିତି ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆସନ୍ତା ୨୧ ଜୁନ ହେବାକୁ ଥିବା ଯୋଗ ଦିବସ ଅବସରରେ ଜଳେଶ୍ୱର ପୌରପାଳିକା ପକ୍ଷରୁ ବହୁମୁଖୀ ଇନ୍ଡୋର ଷ୍ଟାଡିୟମ ପରିସରରେ ହେବାକୁ ଥିବା ଯୋଗ ଶିବିରକୁ ସଫଳ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ସକାଳ ୬ ଘଟିକାରେ ଉକ୍ତ ଶିବିର ପ୍ରାରମ୍ଭ ହେବାର କାର୍ଯ୍ୟକ୍ରମ ଅଛି। ଏଥିରେ ଅଧିକରୁ ଅଧିକ ଲୋକ ଯୋଗ ଦେବା ଅନୁରୋଧ କରା ଯାଇଥିଲା। ଉକ୍ତ ପ୍ରସ୍ତୁତି ବୈଠକରେ ବିଜେପି ନଗର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ, କାଉନସିଲର ଚନ୍ଦନ କୁମାର ଦାସ ଓ ଶିବ ନାରାୟଣ ମହାପାତ୍ର, ପୂର୍ବତନ କାଉନସିଲର ଅନନ୍ତ ଦାସ, ଲିଙ୍ଗରାଜ ସାହୁ, ଇନ୍ଦୁମତୀ ଗିରି, ବନମାଳୀ ଧଳ, ଅଶ୍ୱିନୀ କୁମାର ନାଥ, ସେକ ସୁଲତାନ, ମାଳତୀ ଦତ୍ତ, ମୁକ୍ତାରାଣୀ ପାଲ, ରଞ୍ଜନ କୁମାର ପାତ୍ର, ବରେନ୍ଦ୍ର ପରିଡ଼ାଙ୍କ ସହ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ପରିବା ଦର ଆକାଶଛୁଆଁ; ଚିନ୍ତାରେ ଖାଉଟୀ

**ଚୌକି, ୨୦।୬ (ସମିସ):**



ପାଞ୍ଚଶହ ଟଙ୍କାରେ ପୁରୁନି ବ୍ୟାଗ୍

ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ତେଲ ମସଲା ସହ ତାଳ ଦେଇ ବଜାରରେ ପରିବା ଦର ଆକାଶ ଛୁଆ ହୋଇଛି। ପରିବା ବଜାରରେ ଉଚ୍ଚ ଦର ଏବେ ହାଣ୍ଡିରେ ଝଡ଼ ସୃଷ୍ଟି କରିଛି। ବଜାରରେ ପରିବା ଦର ଥିଲାବାଲାଙ୍କ ଯାହା ହେଉ କାହିଁକି। ଗରିବ ଓ ମଧ୍ୟବିତ୍ତ ପରିବାରକୁ କନ୍ଦାଇଲାନି। ଟଙ୍କା ପାଞ୍ଚ ଶହ ନେଇ ବଜାରକୁ ଗଲେ ବ୍ୟାଗ୍ ଭର୍ତ୍ତି ହେଉନାହିଁ। ଫଳରେ ଗରିବ ଏବଂ ମଧ୍ୟବିତ୍ତ ପରିବାର ବାଧ୍ୟ ହୋଇ କିଲେ ବଦଳରେ ଅଢେଇ ଶହ ଗ୍ରାମ କିଣୁଛନ୍ତି। ବଜାରରେ ବ୍ୟବସାୟୀମାନେ ଏବେ କିଲୋ ବଦଳରେ ଅଢେଇ ଶହ ଗ୍ରାମର ଦର ଡାକୁଛି। ସାଧାରଣ ଗୃହିଣୀଠାରୁ ଆରମ୍ଭ କରି ତଳିଆ ସରକାରୀ କର୍ମଚାରୀ ଗରିବ ଦିନ ମଜୁରିଆ ଓ ମଧ୍ୟବିତ୍ତ ପରିବାର ଲୋକଙ୍କୁ ପରିବା ଦର ଚିନ୍ତାରେ ପକାଇଛି। କଞ୍ଚା ପରିବାକୁ ଛାଡ଼ି ଆଳୁ, ମଟର, ଡାଲି, ସୋୟାବିନ ଉପରେ ନିର୍ଭର କଲେଣି ବହୁ ପରିବାର। ଏବେ ଭୋଗରାଇ ଅଞ୍ଚଳରେ ସମସ୍ତ ବଜାରରେ ପରିବା ଦର ବହୁ ଉଚ୍ଚରେ ରହିଅଛି। ଆଳୁ ୩୦ ଟଙ୍କା ରହିଥିବାବେଳେ ଅଦା ଓ ରସୁଣ ଦର ମାସକ ମଧ୍ୟରେ ତିନିଗୁଣା ବୃଦ୍ଧି ପାଇଛି। କିଲୋ ପ୍ରତି ଯଥା କ୍ରମେ ୨୦୦ଟଙ୍କା ଓ ୧୬୦ ଟଙ୍କାରେ ପହଞ୍ଚିଲାଣି ଟମାଟୋ ଦର ୧୦୦ ଟଙ୍କାରୁ ଅଧିକ ହେଲାଣି। ସେହିପରି ବାଡିରେ ପନିପରିବା ଯଥା ବାଇଗଣ, କଲୋରା, ଭେଣ୍ଡି, ଜହ୍ନି ଓ ପୋଟଳ କିଲୋ ୮୦ ଟଙ୍କା ଲେଖାଏଁ ହୋଇଥିଲା ବେଳେ ଚାଲାଣି ଦାମ୍ ୬୦ ଲେଖାଏଁ ହୋଇଛି। ଅମୃତଭଣ୍ଡା କିଲୋ ୪୦ ଟଙ୍କା ହୋଇଥିବା ବେଳେ ସଜନା ଛୁଇଁ ୧୨୦ ଟଙ୍କା ହେଉଛି। ପୋଇ କିଲୋ ୩୦ ଟଙ୍କା ହେଲାଣି। ଅନ୍ୟପକ୍ଷରେ ବିମ୍ବ ୧୬୦ଟଙ୍କା ଝୁଡୁଙ୍ଗ ୧୦୦ ଟଙ୍କା ହୋଇଛି। କାକୁଡି କିଲୋ ୬୦ ଟଙ୍କା କୁନ୍ଦୁରି କିଲୋ ୪୦ ଟଙ୍କା ହୋଇଛି।୧୫ ଦିନ ମଧ୍ୟରେ ପରିବାଦର ୩ ଗୁଣା ବୃଦ୍ଧି ପାଇଛି। ଆଗରୁ ବାଡିଆ ପାଖରୁ ଯାହା ପରିବା ବଜାରକୁ ଆସୁଥିଲା ତାହା ଆଉ ଆସୁନାହିଁ। ଅଧିକ ପରିବା ଉତ୍ପାଦନ ହେବା ସମୟରେ ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁଁ ପରିବା ଚାଷ ଉଜାଡି ଦେଇଛି। ଭୋଗରାଇ ବ୍ଲକର ପରିବା ଉତ୍ପାଦନ ହେଉଥିବା ସୁବର୍ଣ୍ଣରେଖା ନଦୀ ତଟବର୍ତ୍ତୀ ଚାଷ ଜମିରେ ପାଣି ଅଭାବରୁ ପରିବା ଗଛ ସବୁ ଶୁଖିଯାଇ ପଡ଼ିଆ ଭଳି ଦେଖାଯାଉଛି। ଅନ୍ୟପକ୍ଷରେ ଗାଁ ଲୋକେ ନିଜ ଘର ବାଡିରେ ବିଭିନ୍ନ ପ୍ରକାରର ଅଳ୍ପ ଅଳ୍ପ ପରିବା ଗଛ ଲଗାଇ ଆଂଶିକ ଗୁଜୁରାଣ ମେଣ୍ଟାଉଥିଲା ବେଳେ ଏବେ ଦଳ ଦଳ ମାଙ୍କଡ଼ଙ୍କ ଉପଦ୍ରବ ଯୋଗୁଁ ସେସବୁ ସମ୍ଭବ ହୋଇପାରୁ ନାହିଁ। ଫଳରେ ସମସ୍ତେ ପରିବାର ବଜାର ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ପଡୋଶୀ ପଶ୍ଚିମବଙ୍ଗର କଣ୍ଠାଇ ଓ ଦାନ୍ତୁନ ଅଞ୍ଚଳରୁ ପରିବା ଭୋଗରାଇ ଅଞ୍ଚଳକୁ ଆସୁଥିଲା ବେଳେ ଏବେ ତାହା ହ୍ରାସ ପାଇଛି। ଛୋଟ ଛୋଟ ଗାଡ଼ିରେ ଯାହାକିଛି ଆସୁଅଛି ତାହା ଆବଶ୍ୟକ ତୁଳନାରେ ଯଥେଷ୍ଟ ହେଉନାହିଁ। ଫଳରେ ପରିବା ଦର ଆକାଶଛୁଆଁ।

ଐତିହାସିକ କୋଠାର ସୌନ୍ଦର୍ଯ୍ୟହାନି

# କଚେରି ପରିସର ପାଲଟିଛି ଅଳିଆଗଦା

କେନ୍ଦୁଝର,୨୦।୬(ସମିସ)

କେନ୍ଦୁଝର ଜିଲ୍ଲାର ପୂର୍ବ ଐତିହ୍ୟ, ପରିଚୟ ଏବଂ ସମୃଦ୍ଧିକୁ ସୂଚାଉଥିବା ଅନେକ ସଂସ୍କୃତି ସମ୍ପର୍କ ଇତିହାସ ରହିଛି। ରାଜାରାଜୁଡା ଅମଳରୁ କେନ୍ଦୁଝର ଏକ ଐତିହ୍ୟ ସମ୍ପର୍କ ଅଞ୍ଚଳ ଭାବେ ଜଣା। ଏହି କ୍ରମରେ ତତ୍କାଳୀନ

**ଏଣେତେଣେ ପଡ଼ିଛି ଭଙ୍ଗାଦଦରା ଚେୟାର ଟେବୁଲ, ଆଲମିରା ଓ ଅନ୍ୟ ଆସବାବପତ୍ର**






ରାଜାମାନେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ରାଜବାଟୀ ନିର୍ମାଣ କରିଥିବା ବେଳେ କେନ୍ଦୁଝରର ମୁଖ୍ୟାଳୟରେ ଅନେକ ଐତିହାସିକ କୋଠା ନିର୍ମାଣ କରିଥିଲେ। ସେଥିମଧ୍ୟରୁ ବର୍ତ୍ତମାନର ଜିଲ୍ଲାପାଳ କାର୍ଯ୍ୟାଳୟ ହୋଇଥିବା କୋଠା ବା ଦରବାର ହଲ ଅନ୍ୟତମ ଅଟେ। ଏହି କୋଠାଟି ୧୯୦୯ରୁ ଆରମ୍ଭ ହୋଇ ୧୯୨୩ ମସିହାରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇଥିବା ସୂଚନା ମିଳେ। ଏଠାରେ ସେବେଠାରୁ ଦେଶ ସ୍ୱାଧୀନତା ପର୍ଯ୍ୟନ୍ତ ରାଜାଙ୍କର ଦରବାର ଚାଲୁଥିଲା ବୋଲି ଲୋକମତ ଅଛି। ଦେଶ ସ୍ୱାଧୀନ ହେବା ପରେ ଏହି କୋଠାଟିକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କରାଯାଇଛି। ଏଠାରେ ଜିଲ୍ଲା ମୁଖ୍ୟାଳୟର ପ୍ରାୟ ସମସ୍ତ କାର୍ଯ୍ୟାଳୟ ରହିଛି। ଗୋଟିଏ ଏତେ ବଡ଼ କୋଠାରେ ଏତେଗୁଡ଼ିଏ ସରକାରୀ କାର୍ଯ୍ୟାଳୟ ଥିବା ସମ୍ଭବତ ସାରା ରାଜ୍ୟରେ ନାହିଁ କହିଲେ ଚଳେ। କୋଠାଟିର ନିର୍ମାଣ ଶୈଳୀ ଏଭଳି ହୋଇଛି ବିନା ବିଦ୍ୟୁତରେ ଦିନବେଳେ ଭିତରେ ଆଲୋକିତ ହୋଇଥାଏ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଏଠାରେ ଥିବା ସମସ୍ତ କାର୍ଯ୍ୟାଳୟକୁ ଭିତରେ ଭିତରେ ରାସ୍ତା ସଂଯୋଗ ରହିଛି। କିନ୍ତୁ ଏହି ରାସ୍ତା ଏବେ ସମ୍ପୂର୍ଣ୍ଣ ସଂକୋଚିତ ହେଲାଣି। କେତେକ ସ୍ଥାନରେ ରାସ୍ତାକୁ ବନ୍ଦ କରି ଦିଆଗଲାଣି। ବାରଣ୍ଡାକୁ ବନ୍ଦ କରି ସେଠାରେ ଅନ୍ୟ କାର୍ଯ୍ୟାଳୟ ହେଲାଣି। କେବଳ ସେତିକି ନୁହେଁ; କଚେରି ପରିସର ଏବେ ଭଙ୍ଗାଦଦରା ଟେବୁଲ, ଚେୟାର, ଭଙ୍ଗା ଆଲମିରା, ଆବର୍ଜନାରେ ଭରପୁର ହୋଇ କଚେରି ପରିସରର ପରିବେଶ ନଷ୍ଟ ହେବାକୁ ବସିଲାଣି। ଯେଉଁ କାର୍ଯ୍ୟାଳୟର କିଛି ଭଙ୍ଗାତୁଟା ଜିନିଷ ବାହାରୁଛି ତାକୁ ବାହାରେ ନରଖି କଚେରି ଭିତର ବାରଣ୍ଡା, କାର୍ଯ୍ୟାଳୟ ସମ୍ମୁଖରେ ସେଗୁଡିକୁ ଗଦେଇ ଦିଆଯାଉଛି। ଫଳରେ ଚଳପ୍ରଚଳରେ ସମସ୍ୟା ହେବା ସହିତ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଯଦି ବିଭିନ୍ନ କାର୍ଯ୍ୟାଳୟରୁ ଭଙ୍ଗା ଟେବୁଲ ଚେୟାର ବାହାରିଲା ସେଗୁଡିକୁ ଅନ୍ୟତ୍ର ଏକ ଷ୍ଟୋରରେ ରଖାଯାଇ ପାରନ୍ତା; କିମ୍ବା ବିକ୍ରୟ କରାଯାଇ ପାରନ୍ତା। ତାହା ନକରି ସେଠାରେ ଏଣେତେଣେ ପକାଇ ରଖିବାରୁ କଚେରିକୁ ଆସୁଥିବା ଲୋକଙ୍କ ମଧ୍ୟରେ ନକରାତ୍ମକ ମନୋଭାବ ସୃଷ୍ଟି ହେଉଛି। କେନ୍ଦୁଝରେ କଚେରିର ସ୍ୱତନ୍ତ୍ର ପରିଚୟ ରହିଛି। ତେଣୁ ପ୍ରଶାସନ ଏଦିଗରେ ଧ୍ୟାନଦେଇ କଚେରି ପରିସରରେ ପଡ଼ିଥିବା ଭଙ୍ଗାଦଦରା ଟେବୁଲ ଚେୟାର ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହେଉଛି।

## ବନାଞ୍ଚଳସ୍ତରୀୟ ମାସିକିଆ ସାଧାରଣ ସଭା



**ତେଲକୋଇ,୨୦।୬(ସମିସ):** କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ତେଲକୋଇ ବନାଞ୍ଚଳ କାର୍ଯ୍ୟାଳୟ ସଭାଗୃହ ଠାରେ ଗୁରୁବାର ଏକ ମାସିକିଆ ସାଧାରଣ ସଭା ତେଲକୋଇ ରେଞ୍ଜର ଶିବାଜି ମୋହନ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ପ୍ରାୟ ୩୫ଗୋଟି ବନ ସୁରକ୍ଷା ସମିତିର ସଭାପତି ଓ ଆନିମେଟର ମାନେ ଉପସ୍ଥିତି ରହିଥିଲେ। ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଜଙ୍ଗଲ, ବନ୍ୟଜନ୍ତୁ ଓ ଜଙ୍ଗଲ ପାଖରେ ବସତି ସ୍ଥାପନ କରୁଥିବା ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିରେ ରଖି ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। ବିଶେଷ କରି ତେଲକୋଇ ବନାଞ୍ଚଳ ଅଞ୍ଚଳରେ ହାତୀ ପ୍ରବଣ ଅଞ୍ଚଳ ହୋଇଥିବାରୁ କିପରି ହାତୀକୁ ସୁରକ୍ଷା ଦେବା ସହ ହାତୀ ଦାଉରୁ ଧନ ଜୀବନ ସୁରକ୍ଷା ହୋଇ ପାରିବ ସେ ଦିଗରେ ମଧ୍ୟ ଆଲୋକପାତ କରିଥିଲେ। ଆସନ୍ତା ମାସରେ ବନ ମହୋତ୍ସବ ସପ୍ତାହ ଆସୁଥିବାରୁ ପଞ୍ଚାୟତର ପ୍ରତି ଗ୍ରାମରେ କିପରି ଚାରାରୋପଣ କାର୍ଯ୍ୟକ୍ରମ ହୋଇପାରିବ ସେ ବିଷୟରେ ବନଖଣ୍ଡ ଅଧିକାରୀ ପରାମର୍ଶ ଦେଇଥିଲେ। ବିଶେଷ କରି ଚାରା ରୋପଣ କରାଯାଉଥିବା ସ୍ଥାନ ମାନଙ୍କରେ ରାସାୟନିକ ସାର ବଦଳରେ କିପରି ଜିଆ ଖର ବହୁଳ ଭାବେ ବ୍ୟବହାର କରାଯାଇ ପାରିବ ସେ ବିଷୟରେ ଗୁରୁତ୍ୱ ଦେଇଥିଲେ। ଏହି ସଭାରେ ବନପାଳ ମଳୟ ଜେନା, ପୁଷ୍ପାଞ୍ଜଳି ଦାସ, କୌଶଲ୍ୟା ମହାନ୍ତ, ପୁଷ୍ପଲତା ମହାନ୍ତ, ବନରକ୍ଷୀ ପ୍ରଭାତୀ ଦାସ, ଅନିତା ରାଉତ, ରଶ୍ମିତ ଶଙ୍ଖ, ଅଜିତ କୁମାର ଦାସ, ଯୋଗେଶ୍ୱର ମାଝୀ, ଦୀପକ ନାୟକ, ସରୋଜ ପାତ୍ର, ଝରଣା ଦାସ ସମେତ ଆମ ଜଙ୍ଗଲ ଯୋଜନାର କର୍ମଚାରୀ ସୌମ୍ୟରଞ୍ଜନ ଜେନା, ନାରୁଦା ରମଣ ପରେଶ୍ୱି, ରାହାସ ବିହାରୀ ମହାନ୍ତ ଏବଂ ଘନଶ୍ୟାମ ମହାନ୍ତ ଉପସ୍ଥିତି ଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କର୍ମଶାଳା

**ଚମ୍ପୁଆ,୨୦।୬(ସମିସ):** ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଆଜି ଏକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି କର୍ମଶାଳା ଧରଣୀଧର ନଗର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଉଦ୍‌ଘାଟନ କରିଥିଲେ। ଶ୍ରୀଯୁକ୍ତ ସାହୁ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମିଶନ ଶକ୍ତି ମା ମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସମସ୍ତେ ପ୍ରସ୍ତୁତ ରହିବା ସହିତ କାର୍ଯ୍ୟାଳୟ ସହିତ ସଦାସର୍ବଦା ଯୋଗଯୋଗ ରଖିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ ଯୋଗଦାନ କରି ପ୍ରତିଟି ମୁହୂର୍ତ୍ତରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଆମ ବିଜ୍ଞାପିତ ଅଞ୍ଚଳ ପ୍ରସ୍ତୁତ ରହିଛି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଏମଏମ ଅନନ୍ତ ଚରଣ ସାହୁ, କୋଷାଧକ୍ଷ ପ୍ରକାଶ ଚନ୍ଦ୍ର କୁଣ୍ଡୁ ଓ କାର୍ଯ୍ୟାଳୟ ମୁଖ୍ୟ ତଥା ସାନିଟେସନ ବିଜୟ କୁମାର ମିଶ୍ର ସହଯୋଗ କରିଥିଲେ। ଏଥିରେ ଅଗ୍ନିଶମ ବିଭାଗ କର୍ମଚାରୀ ତାଲିମ ପ୍ରଦାନ କରିଥିବା ଜଣାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ସଂଯୋଜକ ହେମନ୍ତ କୁମାର ଜେନା, ବିଶାଖା ପ୍ରଧାନ, ଜ୍ୟୋସ୍ନାରାଣୀ ନାଏକ, ସ୍ୱଚ୍ଛସାଥି ତଥା ମିଶନ ଶକ୍ତି ମା' ମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାନିଟେସନ ପାରଦର୍ଶୀ ସତୀଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




## ପାଟଣା ବନାଞ୍ଚଳସ୍ତରୀୟ ସମୀକ୍ଷା ବୈଠକ

**ପାଟଣା,୨୦।୬(ସମିସ):** ପାଟଣା ବନ ରେଞ୍ଜ କାର୍ଯ୍ୟାଳୟ ପରିସରରେ ରେଞ୍ଜ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପର ଟିମ୍ ଲିଡର ରଣଜିତ ପଲେଇ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ବନପାଳ ଭୂପତି ସେଠୀ, ବନପାଳ ପିଅନ ନାଏକ ପ୍ରମୁଖ ମାଞ୍ଚସିନ ହୋଇ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଜୀବଜନ୍ତୁଙ୍କ ସୁରକ୍ଷା ସହିତ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଜଙ୍ଗଲରେ ନିଆଁ ନ ଲାଗିବା ନିମନ୍ତେ ସଚେତନତା ସୃଷ୍ଟି କରାଯିବା ସହିତ ବୃକ୍ଷରୋପଣ ପାଇଁ ସମସ୍ତେ ତତ୍ପର ହେବାକୁ ପରାମର୍ଶ ଦେଇଥିଲେ। ପାଟଣା ବନରେଞ୍ଜ ଅଞ୍ଚଳରେ ୨୭ଟି ବନ ସଂରକ୍ଷଣ ସମିତି ମଧ୍ୟରୁ ୧୧ଟିରେ ନିଆଁ ନ ଲାଗି ଥିବାରୁ ସମ୍ପୃକ୍ତ ବନ ସଂରକ୍ଷଣ ସମିତି କୁ ସଂମାନିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ଡୁମୁରିଆ ପଞ୍ଚାୟତର ସରପଞ୍ଚ ଗୌରହରି ନାଏକ, ତଣ୍ଡ ବନସଂରକ୍ଷଣ ସମିତିର ସଭାପତି ପ୍ରହଲ୍ଲାଦ କୁମାର ପଲେଇ ଓ ଡମ୍ବରୁଦ୍ଧର ମହାନ୍ତ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରିଥିଲେ।



## ଲାଇନମ୍ୟାନ୍‌ଙ୍କୁ ମାଡ଼ ମାରିବାର ପ୍ରତିବାଦ୍

**ଡୁରୁମୁଙ୍ଗା/ପାଟଣା,୨୦।୬(ସମିସ):** କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ସବ୍‌ଷ୍ଟେସନ ଅଧୀନରେ କାର୍ଯ୍ୟରତ ଠିକା ଲାଇନମ୍ୟାନ୍ ଗୟାଧର ମହାନ୍ତଙ୍କୁ ଗତ ୧୫ ତାରିଖ ରାତିରେ କାଣିପଶି ଗ୍ରାମରେ ବିଦ୍ୟୁତ ମରାମତି କରିବାକୁ ଯାଇଥିବା ସମୟରେ କିଛି ଲୋକ ଅଘୋଷିତ ବିଦ୍ୟୁତକାଟକୁ ନେଇ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏନେଇ କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ତୁରନ୍ତ ଗିରଫ ଦାବିରେ ଗୁରୁବାର ଡୁରୁମୁଙ୍ଗା, ପାଟଣା ଓ ସାହାରପଡା ବିଦ୍ୟୁତ କାର୍ଯ୍ୟାଳୟରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ଧାରଣା ଦେଇଥିଲେ। ପରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରତିଶ୍ରୁତି ମିଳିବା ପରେ କର୍ମଚାରୀମାନେ ଧାରଣାରୁ ଓହରିଥିବା ଯନ୍ତ୍ରୀ ଉମେଶ ଭୂୟାଁ କହିଛନ୍ତି। ଏଥିରେ ଜୟନ୍ତ କୁମାର ମହାନ୍ତ, ଦେବାଶିଷ ସ୍ୱାଇଁ, ଗୋବିନ୍ଦଚନ୍ଦ୍ର ପାତ୍ର, ରଞ୍ଜନ ସାହୁ, ସଞ୍ଜୟ କୁମାର ନାଏକ, ଲକ୍ଷ୍ମୀ ନାରାୟଣ ଦାଶ, ପ୍ରାର୍ଥସାରଥୀ ଧଳ, ମାନସ ମହାନ୍ତ, ତ୍ରିଲୋଚନ ମୁଣ୍ଡା, ବାଳକୃଷ୍ଣ ନାଏକ, ବିଜୟ କୁମାର ମହାନ୍ତ, ଫାଗୁ ମାଝୀ, ମନୋଜ ମହାନ୍ତ, ଲୋକନାଥ ମହାନ୍ତ, ମଳୟ କୁମାର ବେଜ, କୁଳମଣି ନାଏକ, ଅଜୟ କୁମାର ନାଏକ, ଅଭିଷେକ ମହାନ୍ତ, ଦେବବ୍ରତ ମହାନ୍ତ, ଚନ୍ଦନ ମହାନ୍ତ, ରଣଜିତ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।



ଲାଭ ଉଠାଉଛନ୍ତି ବ୍ୟବସାୟୀ

## ଖାଉଟି ମୁଣ୍ଡରେ ଚଢ଼କ

ଯୋଡ଼ା,୨୦।୬(ସମିସ)

ରାଜ୍ୟ ସରକାର ବଦଳିବା ପରେ ପରେ ଦର ଦାମ ଆଉ କାବୁରେ ନାହିଁ। ସରକାର ବଦଳିବାର ଲାଭ ଉଠାଉଛନ୍ତି ଅସାଧୁ ବ୍ୟବସାୟୀମାନେ। ଏଥିରେ ଲଗାମ ଲଗାଇବା ପାଇଁ ଯେମିତି କେହି ନଥିବା ଭଳି ଜଣାପଡିଛି। ଫଳରେ ଖାଉଟି ମୁଣ୍ଡରେ ଚଢ଼କ ପଡିଛି। ଯୋଡ଼ା ସହରରେ ପରିବା ଦର ଆକାଶଛୁଆଁ। ୫୦ ଟଙ୍କା ତଳେ କୌଣସି ପରିବା ନଥିବା ଜଣାପଡିଛି। ବିଲାତି ବାଇଗଣ କିଲୋ ପିଛା ୮୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କିଲୋ ପିଛା ବାଇଗଣ ୬୦, କଲରା ୬୦, କୋବି ୬୦, ଭେଣ୍ଡି ୫୦, କାଙ୍କଡ଼ ୧୦୦ ଟଙ୍କା, ପୋଟଳ ୮୦, ପିଆଜ ୪୫, ରସୁଣ ୨୦୦, ଅଦା ୨୦୦, ଆଳୁ ୪୦ ଟଙ୍କା ଉପରେ, ହରଡ଼ ଡାଲି ୧୮୦ ଟଙ୍କା କିଲୋ ପିଛା, ଶୋରିଷ ତେଲ ୧୪୦ ଟଙ୍କା ଲିଟର ପିଛା ଦରରେ ବିକ୍ରି ହେଉଥିବା ଜଣାପଡିଛି। ୨୫ କେଜି ଚାଉଳ ପ୍ୟାକେଟରେ ୫୦ ଟଙ୍କା ବଢିଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଡାଲି, ତେଲ, ଅଟା, ସୁଜି, ଦୁଗ୍ଧ ଆଦିର ଦର ଏବେ ଲଗାମ ଛଡ଼ା ହୋଇପଡିଛି। ଫଳରେ ସାଧାରଣ ଲୋକେ ପରିବାର ଚଳାଇବା ଦୁର୍ବିସହ ହୋଇପଡିଛି। ଯୋଡ଼ା ବ୍ୟବସାୟୀ ସଂଘର ସୂଚନା ମୁତାବକ ଗତ ୩ ମାସରେ ହରଡ଼ ଡାଲି କିଲୋ ୩୦ ଟଙ୍କା ବୃଦ୍ଧି ପାଇ ୧୮୦ ଟଙ୍କାରେ ପହଞ୍ଚିଛି। ଶୋରିଷ ତେଲ ଦର ଲିଟର ପିଛା ୧୫ ଟଙ୍କା ବଢିଛି। ସେହିପରି ବୁଟ ଡାଲି ଓ ବିରି ଡାଲି କିଲୋ ପିଛା ୧୦ ଟଙ୍କା ବୃଦ୍ଧି ପାଇଛି। ମସୁର ଡାଲି ୫ ଟଙ୍କା କିଲୋ ପିଛା ବୃଦ୍ଧି ପାଇଥିବା ବେଳେ ଚାଉଳ ଦର କିଲୋ ପିଛା ୬ ଟଙ୍କା ବୃଦ୍ଧି ପାଇଛି। ଅଟା, ସୁଜି, ମଇଦା କ୍ଷେତ୍ରରେ କ୍ୱିଣ୍ଟାଲ ପିଛା ଦର ୨ଶହ ଟଙ୍କା ବଢିଯାଇଥିବା ଜଣାପଡିଛି। ଏହି ମହଙ୍ଗା ମାଡ଼ ଯୋଗୁଁ ଖାଉଟି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ଏହି ଅସ୍ୱାଭାବିକ ଦର ଉପରେ ପ୍ରଶାସନ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବି ହେଉଛି।



## ହାତୀ ମୃତ୍ୟୁ ଘଟଣାରେ ଜଣେ ଗିରଫ

ହାଟଡ଼ିହୀ,୨୦।୬(ସମିସ): ବୁଧବାର ନିଉଦାନୀ ମୌଜାସ୍ଥିତ ଏକ ସପୁରୀ ବାଡ଼ିରେ ବିଦ୍ୟୁତ ତାର ଲାଗି ଏକ ଦନ୍ତାହାତୀର ମୃତ୍ୟୁ ଘଟଣାରେ ବନବିଭାଗ ଜଣେ ସନ୍ଦିଗ୍ଧଙ୍କୁ ଗତକାଲି ଅଟକ ରଖି ପଚରାଉତୁରା କରିଥିଲା। ସନ୍ଦିଗ୍ଧଙ୍କ ଠାରୁ ମିଳିଥିବା ବୟାନକୁ ଭିତ୍ତି କରି ବନବିଭାଗ ସନ୍ଦିଗ୍ଧ ସଂଗ୍ରାମ ବେହେରାକୁ ଆଜି ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁଙ୍କ ଠାରୁ ସୂଚନା ମିଳିଛି। ତେବେ ହାତୀର ବ୍ୟବଚ୍ଛେଦ ରିପୋର୍ଟ ଏଯାଏଁ ଆସିନଥିବାରୁ କାରଣ ଜାଣିବାରେ ଏହା ଆହୁରି ସନ୍ଦେହ ଘେରକୁ ଟାଣି ହୋଇଯାଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ହାତୀ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରିବାକୁ ସ୍ଥାନୀୟବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଛି।

## ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଆନନ୍ଦପୁର,୨୦।୬(ସମିସ):** ଆନନ୍ଦପୁର ପୁଲିସର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନକୁ ନେଇ ପୌରପାଳିକା ୭ନଂ ୱାର୍ଡର ସ୍ୱର୍ଗତ ସନାତନ ଦାସଙ୍କ ପୁଅ ରାଜାପ୍ରଭୁ ଦାସ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୨୪ ମେ' ମାସ ୨୦ ତାରିଖରେ ରାଜାପ୍ରଭୁ ଦାସ ଆନନ୍ଦପୁର ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ଏପରିକି ସେ ବ୍ୟବହାର କରୁଥିବା ଓଡି୩୪ଡି-୪୮ ୫୩ ନଂ. ବିଶିଷ୍ଟ ବୁଲେଟ ଗାଡିକୁ ପୁଲିସ ଜବତ କରିଥିଲା। ସେ ଗିରଫ ହେବା ସମ୍ପର୍କରେ ପୁଲିସକୁ ପଚାରିଥିଲେ ବି ପୁଲିସ କୌଣସି ସ୍ପଷ୍ଟ ଉତ୍ତର ଦେଇନଥିଲା। ଏହାବାଦ୍ ରାଜାପ୍ରଭୁ ଜାମିନରେ ଆସିଥିଲେ ସୁଧା ତାଙ୍କ ବୁଲେଟ ଗାଡିକୁ ପୁଲିସ ତାଙ୍କୁ ହସ୍ତାନ୍ତର କରୁନାହିଁ। ଏପରିକି ପୁଲିସ ଜାଣିଶୁଣି ତାଙ୍କ ନାମରେ ଅପରାଧିକ ମାମଲା ରୁଜୁ କରି ବିଭିନ୍ନ ସମୟରେ ହଇରାଣ ହରକତ କରୁଥିବା ସେ ଅଭିଯୋଗ କରିଛନ୍ତି। ଏଣୁ ସେ ନିଜର ତଥା ପରିବାରର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି।

## ଶିକ୍ଷକ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ସୋସୋ,୨୦।୬(ସମିସ):** ହାଟଡିହି ବ୍ଲକର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ହାଟଡିହି ଶାଖା ତରଫରୁ ନବ ନିର୍ବାଚିତ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସ୍ୱାଗତ ଜଣାଇଥିଲେ। ସଂଘର ସଭାପତି ଶ୍ରୀକାନ୍ତ ବିଶ୍ୱାଳ, ସମ୍ପାଦକ ପ୍ରଦୀପ କୁମାର ନାୟକ, ରଞ୍ଜନ କୁମାର ପ୍ରଧାନ, ସୁଶାନ୍ତ ମାଝୀ ପ୍ରମୁଖ ଭୁବନେଶ୍ୱରରେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ସଂଘର ଅନେକ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ସୌଭାଗ୍ୟବତୀଙ୍କୁ ସଂଖ୍ୟାଜାତକ ବିଶେଷଜ୍ଞ ସମ୍ମାନ



ଆନନ୍ଦପୁର,୨୦।୬(ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମର ବାସିନ୍ଦା ଜୟନ୍ତ କୁମାର ନାୟକ ଓ ବାସନ୍ତୀ ନାୟକଙ୍କ କନିଷ୍ଠ କନ୍ୟା ସୌଭାଗ୍ୟବତୀ ନାୟକ ସଂଖ୍ୟାଜାତକ ବିଶେଷଜ୍ଞ ଭାବେ ସମ୍ମାନିତ ହୋଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ସୌଭାଗ୍ୟବତୀ ନାୟକ ଟାଟା ଷ୍ଟିଲପ୍ଲାଣ୍ଟରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ନିଶାରେ ଜଣେ ଭୌତିକ ବିଜ୍ଞାନ ବିଶେଷଜ୍ଞ ଅଟନ୍ତି। ଗତ ଜୁନ୍ ମାସ ୧୬ ତାରିଖରେ ଦିଲ୍ଲୀର ଆୟୋଜିତ ସମାରୋହରେ ଭାରତ ବର୍ଷରୁ ୧୭୦ ଜଣ ଛାତ୍ରଛାତ୍ରୀଙ୍କୁ ସଂଖ୍ୟା ବିଶେଷଜ୍ଞ ଭାବେ ସମ୍ମାନୀତ କରାଯାଇଥିବା ବେଳେ ଓଡିଶାରୁ ସୌଭାଗ୍ୟବତୀ ନାୟକ ଏକମାତ୍ର ଓଡିଆ ଭାବେ ଯୋଗ ଦେଇ ମୁଖ୍ୟଅତିଥି ରୋହିତ କିଶୋର ଗଡକରୀଙ୍କଠାରୁ ସଂଖ୍ୟା ଜାତକ ବିଶେଷଜ୍ଞ ରୂପେ ମାନପତ୍ର ପାଇ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇ ସେ ନିଜ ଗ୍ରାମ ପୁରୁଣିଆ ତଥା କେନ୍ଦୁଝର ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି।

## ବଳଭଦ୍ରପୁର ପୁରୁଣାସାହିରେ ମିଳୁନି ପାନୀୟ ଜଳ



**ନାରଦପୁର,୨୦।୬(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତର ବଳଭଦ୍ରପୁର ପୁରୁଣାସାହିରେ ବସୁଧା ପାନୀୟ ଜଳ ମିଳୁନାହିଁ। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ଗ୍ରାମରେ ପାନୀୟ ଜଳ ପାଇଁ ଘରକୁ ଘର ପାଇପ ଯୋଗା ଯାଇଛି। ମାତ୍ର ଷ୍ଟାଣ୍ଡପୋଷ୍ଟରେ ପାଣି ବାହାରୁ ନଥିବାରୁ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖିନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ତୁରନ୍ତ ବିଭାଗୀୟ ଦୃଷ୍ଟିଦେବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

